Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 250
Wednesday, 18 November 2026
Balasore, Page : 8, ₹ 2/
ବାଲେଶ୍ୱର, ବୁଧବାର, ୧୮ ନଭେମ୍ବର, ୨୦୨୬
ପୃଷ୍ଠା: ୮, ମୂଲ୍ୟ: ୨ଟଙ୍କା
Seithoo Arambha
Seithoarambha
www.seithoarambha.com

ସୈତ୍ଥୋ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ପୁଣ୍ଡା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ



ରାଜ୍ୟ ସରକାର ଓ ଆର୍ଟ ଅଫ୍ ଲିଭିଂର ଯୁବ ଉତ୍ସବ 'ଉମଙ୍ଗ'

ଭୁବନେଶ୍ୱର, ୧୭/୧୧ (ଆ.ପ୍ର) : ସ୍ଥାନୀୟ କଳିଙ୍ଗ ଷ୍ଟାଡିଅମ ଠାରେ ଆଜି (ମଙ୍ଗଳବାର) ରାଜ୍ୟ ସରକାର ଓ ଆର୍ଟ ଅଫ୍ ଲିଭିଂର ମିଳିତ ଅନୁକୂଲ୍ୟରେ ଆୟୋଜିତ ଯୁବ ମହୋତ୍ସବ 'ଉମଙ୍ଗ' ଅନୁଷ୍ଠିତ ହୋଇଯାଇଛି । ଏଥିରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ଆର୍ଟ ଅଫ୍ ଲିଭିଂର ପ୍ରତିଷ୍ଠାତା ଗୁରୁ ଶ୍ରୀଶ୍ରୀ ରବିଶଙ୍କର ଯୋଗ ଦେଇ ଯୁବସମାଜର ସାମଗ୍ରିକ ବିକାଶ, ଗୁଣାତ୍ମକ ଶିକ୍ଷା, ନାରୀ ସଶକ୍ତୀକରଣ ଏବଂ ରାଜ୍ୟକୁ ଅଗ୍ରଣୀ ନିଶାମୁକ୍ତ କରିବା ନେଇ ସ୍ପଷ୍ଟ ବାର୍ତ୍ତା ପ୍ରଦାନ କରିଛନ୍ତି । ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଛନ୍ତି, ରାଜ୍ୟର ପ୍ରଗତି ପଥରେ ସବୁଠାରୁ ବଡ଼ ପ୍ରତିବନ୍ଧକ ସାଜିଥିବା 'ନିଶା' ସମସ୍ୟାର ମୂଳୋତ୍ପାଟନ ପାଇଁ ସରକାରଙ୍କ ଗଣନୀତି ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ନିଶାମୁକ୍ତ ଓଡ଼ିଶା କେବଳ ଏକ ଲକ୍ଷ୍ୟ ନୁହେଁ, ତତ୍‌ର ଏହା ସରକାରଙ୍କ ବଜ୍ର ଶପଥ । ଆଗାମୀ ଦିନରେ ସ୍କୁଲ ଓ କଲେଜ ସ୍ତରରେ ସ୍ୱତନ୍ତ୍ର ନିଶା ବିରୋଧୀ ପାଠ୍ୟକ୍ରମ ବା ମଡ୍ୟୁଲ୍ ପ୍ରସ୍ତୁତ କରାଯିବ ଏବଂ ନିଶାର ପ୍ରାରମ୍ଭିକ ଲକ୍ଷଣ ଚିହ୍ନଟ କରିବା ପାଇଁ ଶିକ୍ଷକମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯିବ ବୋଲି



ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି । ଏହା ସହିତ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ଦ୍ୱାରା 'ଦି ଆର୍ଟ ଅଫ୍ ଲିଭିଂ' ଓ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ମାଧ୍ୟମରେ ଚାଲିଥିବା 'ଭ୍ରସ୍ତ ଫ୍ରି ଇଣ୍ଡିଆ ମୁଭମେଣ୍ଟ'ର ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଧ୍ୟାନ, ଯୋଗ, ପ୍ରାଣାୟାମ ଏବଂ ସୁଦର୍ଶନ କ୍ରିୟା ଭଳି ଆଧ୍ୟାତ୍ମିକ ଅଭ୍ୟାସ ଜରିଆ କୌଣସି କ୍ଷତିକାରକ ପଦାର୍ଥରେ ମନକୁ ସ୍ୱାଭାବିକ ଭାବେ ପ୍ରଫୁଲ୍ଲ ଓ ସକ୍ରିୟ ରଖିବାରେ ସହାୟକ ହୋଇଥାଏ ।ଏହା ସହିତ ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ଅବଦାନକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କେବଳ ପାଠପଢ଼ାରେ ସୀମିତ ନରହି 'ଏକୁଏସନ୍, ଟ୍ରିଥ୍ ଲାଭ୍ୟୁଜ୍' ବା ମୂଲ୍ୟବୋଧଭିତ୍ତିକ ଶିକ୍ଷା ମାଧ୍ୟମରେ ଭବିଷ୍ୟତର ରାଷ୍ଟ୍ରନିର୍ମାତା ପ୍ରସ୍ତୁତ କରୁଛି ଏବଂ ଏହା ଏକ ମାନବ ନିର୍ମାଣର ଜାଗାଖାନା ପାଲଟିଛି । ଯୁବପିଢ଼ିଙ୍କୁ ଉଦ୍ଦ୍?ବୋଧନ ଦେଇ ଶ୍ରୀ ଶ୍ରୀ ରବିଶଙ୍କର କହିଛନ୍ତି, ଚୀତନରେ ପ୍ରକୃତ ଆନନ୍ଦ ଓ ଉତ୍ସାହ ବାହ୍ୟ ଷ୍ଟତିକାରକ ନିଶା ତ୍ରବ୍ୟରୁ ନୁହେଁ, ବରଂ ନିଜ ଭିତରର ଆତ୍ମଶକ୍ତି, ଆତ୍ମବିଶ୍ୱାସ, ଧ୍ୟାନ ଏବଂ ଯୋଗରୁ ମିଳିଥାଏ । ଯୁବସମାଜ ନିଜର ଅସୀମ ଶକ୍ତିକୁ ରାଷ୍ଟ୍ର ନିର୍ମାଣ ଓ ସମାଜ ସେବାରେ ବିନିଯୋଗ କରିବା ଉଚିତ ବୋଲି ସେ ପରାମର୍ଶ ଦେଇଛନ୍ତି । ଧ୍ୟାନ, ପ୍ରାଣାୟାମ ଏବଂ ସୁଦର୍ଶନ କ୍ରିୟା ଭଳି ଆଧ୍ୟାତ୍ମିକ ଅଭ୍ୟାସ ମାନକୁ ଚାପମୁକ୍ତ ଓ ପ୍ରଫୁଲ୍ଲ ରଖିବା ସହ ଏକ ନିଶାମୁକ୍ତ, ଶାନ୍ତିପୂର୍ଣ୍ଣ ଓ ସୁସ୍ଥ ସମାଜ ଗଠନରେ ସବୁଠାରୁ ବଡ଼ ମାଧ୍ୟମ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି । ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ଜଯନ୍ତୀ ସମ୍ପନ୍ନ ଛାତ୍ରଛାତ୍ରୀ, ଯୁବକଯୁବତୀ ଓ ଅତିଥିମାନଙ୍କୁ ନିଶାତ୍ୟାଗ ପୂର୍ବରେ ରହିବା ଏବଂ ଏକ ସୁସ୍ଥ, ନିଶାମୁକ୍ତ ଓ ବିକଶିତ ଓଡ଼ିଶା ଗଠନ କରିବା ପାଇଁ ସାମୂହିକ ଶପଥ ପାଠ କରାଇଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷ, ପଞ୍ଚାୟତ ବିକାଶ ଓ ଦେଖିସିକ ଶିକ୍ଷା ମନ୍ତ୍ରୀ ସୀମତ ଚନ୍ଦ୍ର ସ୍ୱାଇଁ, ଫାଗାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାଏକ ପ୍ରମୁଖ ମଂତ୍ରୀମାନ ଥିଲେ ।

ହୀରାକୁଦ ନଦୀବନ୍ଧ ହେବ ସମନ୍ୱୟ ପର୍ଯ୍ୟଟନସ୍ଥଳୀ

ଭୁବନେଶ୍ୱର, ୧୭/୧୧ (ଆ.ପ୍ର) : ହୀରାକୁଦ ଅଂଚଳର ସମନ୍ୱିତ ପର୍ଯ୍ୟଟନ ବିକାଶ ପାଇଁ ପ୍ରସ୍ତୁତ ମାଷ୍ଟର ପ୍ଲାନ୍ ସହ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଓ ଛେତ୍ରୀୟ ସଂସ୍ଥା ଦ୍ୱାରା ନିର୍ମାଣାଧୀନ ବିଭିନ୍ନ ପ୍ରକଳ୍ପଗୁଡ଼ିକର ଅଗ୍ରଗତିର ସମୀକ୍ଷା କରାଯାଇଛି । ଛୋଟେସେଟା ଭବନଠାରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ମାର୍ଗଦର୍ଶକ କମିଟି (ଷ୍ଟିଅରିଂ କମିଟି) ଆଜିର ଏହି ସମୀକ୍ଷା ରେ ?ଠକରେ ହୀରାକୁଦ ଅଂଚଳକୁ ଏକ ପ୍ରମୁଖ ଜାତୀୟ ଓ ଆନ୍ତର୍ଜାତୀୟ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳ ରାଟେ ବିକଶିତ କରିବା ଲକ୍ଷ୍ୟରେ ସମୀକ୍ଷା ହୋଇଥିଲା । ପ୍ରତ୍ୟେକ କାର୍ଯ୍ୟର ଗୁଣାତ୍ମକତା ବଜାୟ ରଖିବା ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ସଂପୂର୍ଣ୍ଣ କରିବାକୁ ସେ ନିର୍ମାଣକାରୀ ବିଭାଗ ଓ ସଂସ୍ତ୍ଥାମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ରାଜ୍ୟ ପର୍ଯ୍ୟଟନ ବିଭାଗ କମିସନର ତଥା ଶାସନ ସଚିବ ବଲ୍ଦ୍ୱନ୍ତ ସିଂ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟାଗ୍ରଗତି ଓ ଆଗାମୀ ପଦକ୍ଷେପ ସଂପର୍କରେ ସ୍ଥିତି ଓ ପ୍ରଗ୍ରତି ଉପସ୍ଥାପନ କରିଥିଲେ । ହୀରାକୁଦ ଜଳଉଚ୍ଛାର ଓ ଏହାର ପ୍ରସାରିତ ଜଳାଧିପ୍ତ କ୍ଷେତ୍ରକୁ ପ୍ରକୃତି, ସଂସ୍କୃତି ଓ ସାହସିକ ପର୍ଯ୍ୟଟନର ଏକ ଆକର୍ଷଣୀୟ କେନ୍ଦ୍ର ରାଟେ ଗଢ଼ିତୋଳିବା ସହିତ ମା' ସମଲେଶ୍ୱରୀ ମନ୍ଦିରର ଦ୍ୱିତୀୟ ପର୍ଯ୍ୟାୟ ବିକାଶ, ନୂମା ମନ୍ଦିର ଓ ଘଣ୍ଟେଶ୍ୱରୀ ମନ୍ଦିରର ବିକାଶ, ପାଣ୍ଡାର ଚ୍ୟାନେଲ୍ ଓ ୍ଟ ର ପ୍ଟ ଂଟ ପ୍ରୋମେନାଡ୍, ମହାନଦୀ ଆଇକନିକ୍ ବ୍ରିଜ୍ ଏବଂ ମହାନଦୀ ଦ୍ୱାର ପ୍ରକୃତି ଉଦ୍ୟାନ ଓ ପ୍ରୋମେନାଡ୍ ଆଦି ପ୍ରକଳ୍ପର ସ୍ଥିତି ଉପସ୍ଥାପନ କରାଯାଇଥିଲା । ସାଗରମାଳା ଯୋଜନା ଓ ଇନଲାଣ୍ଡ୍ ୱାଟରୱେଜ୍ ଅଥରିଟି ଅଫ୍ ଇଣ୍ଡିଆ ସହଯୋଗରେ ହୀରାକୁଦ ଜଳଉଚ୍ଛାର ଠାରେ କୁଦ୍ର ପର୍ଯ୍ୟଟନ ପାଇଁ ଜାଭିଗେସନ୍ ଗୁଡ୍ ଓ ଟର୍ମିନାଲ୍ ବିକାଶ ଯୋଜନା ସମୀକ୍ଷା କରାଯାଇଥିଲା । ସମ୍ବଲପୁର କାଇଁସର ଷ୍ଟୋୟାର, ଝାରସୁଗୁଡ଼ାର ରାଜା ଲୁଙ୍କା ଏବଂ ବରଗଡ଼ ଜିଲ୍ଲାରେ ଚାରୋଟି ସମ୍ଭାବ୍ୟ ସ୍ଥାନ ମଧ୍ୟରୁ ଗୋଟିଏ ସ୍ଥାନ ଚୟନ କରି ଲୁଚ୍ ଟର୍ମିନାଲ୍ ବିକାଶ କରିବାର ଯୋଜନା ରହିଛି । ପ୍ରକଳ୍ପଗୁଡ଼ିକର ଅଧ୍ୟୟନ, ଡିପିଆର୍ ପ୍ରସ୍ତୁତି ଓ କାର୍ଯ୍ୟାନ୍ୱୟନ ପାଇଁ ସମୟସୀମା ଉପସ୍ଥାପନ କରାଯାଇଥିଲା । ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) ପକ୍ଷରୁ ମାଇନ୍ ମ୍ୟୁଜିୟମ୍, ଅଣଉତ୍ତାଣ୍ଡ ମାଇନ୍ ଏକ୍ସପିରିଏନ୍ସ ସେଂଟର୍ ଓ ଚରୋ ପାର୍କ ବିକାଶ ପ୍ରକଳ୍ପର ଉପସ୍ଥାପନା କରାଯାଇଥିଲା । ଏକଟିପିସି ପକ୍ଷରୁ ଏନର୍ଜି ଏକ୍ସପିରିଏନ୍ସ ସେଂଟର୍ ସମ୍ପର୍କରେ ଉପସ୍ଥାପନା କରାଯାଇଥିଲା । ଉନ୍ନୟନ ନିଗମ ପକ୍ଷରୁ ଜଟୋଲା ଓ ସିଙ୍ଘପାରିରେ ବୁଣାକାର ଗ୍ରାମ, ଜଳାଶୟ ଉଦ୍ୟାନ, ଥ୍ରୋଟେଣ୍ଟ୍ସ ଓ ଟେଂଟ ସିଟି ଭଳି ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରାଯାଇଥିଲା

୩ପ୍ରତିଶତ ବଢ଼ିଲା ମହଙ୍ଗା ଭତ୍ତା

ଭୁବନେଶ୍ୱର, ୧୭/୧୧ (ଆ.ପ୍ର) : ରାଜ୍ୟ ସରକାରୀ କର୍ମଚାରୀଙ୍କ ୩% ବଢିବା ମହଙ୍ଗା ଭତ୍ତା । ୬୦ରୁ ୬୩%କୁ ମହଙ୍ଗା ଭତ୍ତା ବଢ଼ାଇଲେ ରାଜ୍ୟ ସରକାର । ପିଛିଲା ଗାତେ ଚୁଲାଇ ମାସରୁ ହେବ ଲାଗୁ । ପ୍ରାୟ ସାଢ଼େ ୮ ଲକ୍ଷ ସରକାରୀ କର୍ମଚାରୀ ଓ ପେନ୍ସନ ଭୋଗୀ ଉପକୃତ ହେବେ । ନଭେମ୍ବର ମାସ ଦରମାରେ ନଗଦ ଆକାରରେ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତାରେ ତିନି ପ୍ରତିଶତ ବୃଦ୍ଧି ବିଷୟ ଘୋଷଣା କରିଛନ୍ତି । ଏହା ଫଳରେ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୬୦ ପ୍ରତିଶତରୁ ୬୩ ପ୍ରତିଶତକୁ ବୃଦ୍ଧି ପାଇଲା । ଏହା ଜୁଲାଇ ପହିଲା ୨୦୨୬ରୁ ପିଛିଲା ଭାବରେ ଲାଗୁ ହେବ । ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ଚଳିତ ନଭେମ୍ବର ମାସ ଦରମାରେ ନଗଦ ଆକାରରେ ମିଳିବ । ଏହା ସହିତ ପେନ୍‌ସନଭୋଗୀମାନଙ୍କ ଟି.ଆ ରେ ମଧ୍ୟ ତିନି ପ୍ରତିଶତ ବୃଦ୍ଧି କରାଯାଇଛି । ସେମାନେ ମଧ୍ୟ ଅନୁରୂପ ଭାବେ ନଭେମ୍ବର ମାସ ପେନ୍‌ସନରେ ଏହି ବର୍ଦ୍ଧିତ ଟି.ଆ ପାଇବେ । ଏହା ଦ୍ୱାରା ପ୍ରାୟ ସାଢ଼େ ଆଠ ଲକ୍ଷ ସରକାରୀ କର୍ମଚାରୀ ଓ ପେନ୍‌ସନଭୋଗୀ ଉପକୃତ ହେବେ ।

ଆଜିଠୁ ଶୀତକାଳୀନ ବିଧାନସଭା

ଭୁବନେଶ୍ୱର, ୧୭/୧୧ (ଆ.ପ୍ର) : ବୃଧବାରଠୁ ଆରମ୍ଭ ହେବ ସପ୍ତଦଶ ବିଧାନସଭାର ଶୀତ ଅଧିବେଶନ । ଏହା ପୂର୍ବରୁ ଶେଷ ହୋଇଛି ସର୍ବଦଳୀୟ ବୈଠକ । ବାତ୍ୟାରି ସୁତମା ପାଟ୍ଟାଳ ଅଧ୍ୟକ୍ଷତାରେ ବସିଥିବା ଏହି ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ମନ୍ତ୍ରୀ, ବିଜେଡି ଓ କଂଗ୍ରେସର ବିଧାୟକମାନେ ଯୋଗ ଦେଇଥିଲେ । ଗୃହ କାର୍ଯ୍ୟକୁ ସୁରୁଖୁରୁରେ ଚଲାଇବା ପାଇଁ ସବୁ ରାଜନୈତିକ ଦଳର ସହଯୋଗ ଲୋଡ଼ିଛନ୍ତି ବାତ୍ୟାରି । ଏହି ବୈଠକରେ ବାତ୍ୟାରି ଓ ବଦ୍ୟା ପ୍ରସଙ୍ଗରେ ମୋସନ ଆଣିଥିବା କଥା କହିଛି ବିଜେଡି । ସମ୍ଭ୍ର ସରକାରୀ କାର୍ଯ୍ୟ ବାଧିକ କରି ଏହି ପ୍ରସଙ୍ଗରେ ଆଲୋଚନା କରିବାକୁ ଦାବି କରିଛି ଦଳ । ଏହା ସହ ରାଜ୍ୟର ଆଇନଶୃଙ୍ଖଳା, ଉଡା ସମସ୍ୟା, ଶିକ୍ଷା ଓ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ଉଠାଇବ ବିଜେଡି ।

୧୦ କୋଟିର ବ୍ରାଉନସୁଗର ଜବତ, ୨ ଗିରଫ

ବାଲେଶ୍ୱର, ୧୭/୧୧ (ଆ.ପ୍ର) : ବାଲେଶ୍ୱର ସହରରେ ବ୍ରାଉନସୁଗାର କାରବାର ବିରୋଧରେ ପୋଲିସକୁ ମିଳିଛି ବଡ଼ ସଫଳତା । ଗୋପାଳଗାଁ ଅଂଚଳର ଏକ ଭଡ଼ା ଘରେ ଚଢ଼ାଉ କରି ଟାଉନ ଥାନା ପୋଲିସ ୧୦ କେଜି ୨୩୩ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ଜଣେ ପୁରୁଷ ଓ ଜଣେ ମହିନାଙ୍କୁ ଗିରଫ କରିଛି । ମଙ୍ଗଳବାର ସନ୍ଧ୍ୟାରେ ଜିଲ୍ଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ପଣ୍ଡିଜନାରେ ଜିଲ୍ଲା ସହକାରୀ ଆରକ୍ଷୀ ଅଧିକ୍ଷକ ପରେଶ କୁମାର ରାଉତ ଓ ଟାଉନ ଥାନା ଅଧିକାରୀ ବିଜୟ ଦାସ ଏ ସମ୍ପର୍କରେ ସୂଚନା ଦେଇଛନ୍ତି । ସହକାରୀ ଆରକ୍ଷୀ ଅଧିକ୍ଷକ ଶ୍ରୀ ରାଉତଙ୍କ କହିବା ମୁତାବକ ଜଂଟା ବ୍ରାଉନ ସୁଗାରରେ ଅଧିକ ନିଶା ହେଉ ନ ଥିବାରୁ ଅତ୍ୟନ୍ତ ମାରାତ୍ମକ ବିଷ ଭାବେ ଜଣାଶୁଣା 'ଚୁଡିନ ଆନ ହାଇ ଡ୍ରୋନ' ନାମକ ଡରଜ ବିଷ ଆସାମୀ ମାନେ ନିଜ ଭଡ଼ା ଘରେ ଭାର ମାପ କରି ମିଶାଇ ଉଚ୍ଚ ନିଶାକୁ ବଜାରକୁ ବିକ୍ରି ପାଇଁ ପଠାଉଥିଲେ । ଛେଡି ଅଂଚଳରୁ ଏ ସବୁ ଅଣାଯାଉଥିବା ତା'ର ତରନ୍ତ ଚାଲିଛି । ଏହି ତରଜ ଜ୍ୟାମିକାଲ ଶରାରର କୋଷିକା ତନ୍ତ ଓ ସ୍ନାୟୁ ତନ୍ତ ଉପରେ ଅତ୍ୟନ୍ତ ମାରାତ୍ମକ ପ୍ରଭାବ ପକାଇଥାଏ । ତେଣୁ ଜୁଲ ରେ ମଧ୍ୟ ରୋଜେ ଏହି ମାରାତ୍ମକ ନିଶା ଦ୍ରବ୍ୟ ଗ୍ରହଣ





କରୁଥିବେ ଓ ଏହି ନିଷିଦ୍ଧ ନିଶା କାରବାର ଜାରି ରଖିଥିବେ । କଟକ ଭୁବନେଶ୍ୱର, ଖୋର୍ଦ୍ଧା, ଯାଜପୁର ଆଦି ଜିଲ୍ଲାକୁ ଏହି ଡୁଜଣ ଡ୍ରଗଜ ସପ୍ତାହରେ ଦୁଇ ଚାରି ଥର ଯାତ୍ରା କରୁଥିଲେ । ସହକାରୀ ଆରକ୍ଷୀ ଅଧିକ୍ଷକ ଶ୍ରୀ ରାଉତଙ୍କ କହିବା ମୁତାବକ ଜଂଟା ଡ୍ରାଉନ ସୁଗାରରେ ଅଧିକ ନିଶା ହେଉ ନ ଥିବାରୁ ଅତ୍ୟନ୍ତ ମାରାତ୍ମକ ବିଷ ଭାବେ ଜଣାଶୁଣା 'ଚୁଡିନ ଆନ ହାଇ ଡ୍ରୋନ' ନାମକ ଡରଜ ବିଷ ଆସାମୀ ମାନେ ନିଜ ଭଡ଼ା ଘରେ ଭାର ମାପ କରି ମିଶାଇ ଉଚ୍ଚ ନିଶାକୁ ବଜାରକୁ ବିକ୍ରି ପାଇଁ ପଠାଉଥିଲେ । ଛେଡି ଅଂଚଳରୁ ଏ ସବୁ ଅଣାଯାଉଥିବା ତା'ର ତରନ୍ତ ଚାଲିଛି । ଏହି ତରଜ ଜ୍ୟାମିକାଲ ଶରାରର କୋଷିକା ତନ୍ତ ଓ ସ୍ନାୟୁ ତନ୍ତ ଉପରେ ଅତ୍ୟନ୍ତ ମାରାତ୍ମକ ପ୍ରଭାବ ପକାଇଥାଏ । ତେଣୁ ଜୁଲ ରେ ମଧ୍ୟ ରୋଜେ ଏହି ମାରାତ୍ମକ ନିଶା ଦ୍ରବ୍ୟ ଗ୍ରହଣ କରିବାକୁ ଶ୍ରୀ ରାଉତ ନିବେଦନ କରିଛନ୍ତି । ଆସାମୀ ମାନଙ୍କୁ ଆଜି ସନ୍ଧ୍ୟାରେ ବିରାଟପଡ଼ିଙ୍କ ସଙ୍କୁ ଖରେ ହାଜର କରାଯିବା ପରେ ବିଚାରବିରାଗାସ ହାଜତ କୁ ପଠାଇ ଦିଆଯାଇଛି । ଚଢ଼ାଉ ସମୟରେ ୧ କେଜି ୯୧୩ ଗ୍ରାମ ଜଂଟା ଡ୍ରାଉନସୁଗାର ଓ ୮ କେଜି ୩୨୦ ଗ୍ରାମ ପୁଷ୍ଟ ଡ୍ରାଉନସୁଗାର ଜବତ ହୋଇଛି । ଏହା ସହିତ ୪ ଲକ୍ଷ ୬୨ ହଜାର ୭୯୦ ଟଙ୍କା ନଗଦ ଅର୍ଥ, ୧୧ଟି ବିଭିନ୍ନ ବ୍ୟାଙ୍କ ଓ ପରିବାରପତ୍ର ସମ୍ବନ୍ଧୀୟ କାର୍ଡ଼, ଗୋଟିଏ ମୋଟରସାଇକେଲ, ଗୋଟିଏ ସ୍କୁଟି, ୬ଟି ମୋବାଇଲ ଫୋନ, ୯୯ ପ୍ରତିଶତ ଶୁଦ୍ଧତାର ୬ଟି ବୋତଲ ତୁଷିନ୍ ଅଚହାଇଡ୍ରନ ଏବଂ ଦୁଇଟି ଇଲେକ୍ଟ୍ରୋନିକ୍ ଓଜନ ମେସିନ୍ ଜବତ କରାଯାଇଛି । ଏହି ଘଟଣାରେ ଟାଉନ ଥାନା କେସ୍ ନମ୍ବର ୩୮୧/୨୦୨୬ ରୁଜୁ କରାଯାଇ ଘଟଣାର ଅଧିକ ତଦନ୍ତ ଜାରି ରହିଛି ।

ମାଡ଼ି ଆସୁଛି 'ଅକଭାନ': ୨୦ରେ ଛୁଇଁବ ଉପକୂଳ

ଭୁବନେଶ୍ୱର, ୧୭/୧୧ (ଆ.ପ୍ର) : ବଙ୍ଗୋପସାଗରରେ ବନ ଗୋଟାଇଥିବା ବାତ୍ୟା 'ଅକଭାନ' ଆସନ୍ତା ୨୦ତାରିଖ ମଧ୍ୟାହ୍ନରେ ଉପକୂଳ ଛୁଇଁବ । ଏହାର ମୁକାବିଲା ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରିଥିବା ରାଜ୍ୟ ସରକାର 'ଜିରୋ କାଜୁଆଲିଟି' ଲକ୍ଷ୍ୟ ରଖିଥିବାବେଳେ ୮ଟି ଜିଲ୍ଲାର ୨୬ଶ ୪ଅଜାର ୭୦ଜଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାକୁ ଲକ୍ଷ୍ୟ ରଖାଯାଇଛି । ପାଣିପାଗ ବିଜ୍ଞାନର ସୂଚନା ଅନୁସାରେ, 'ଅକଭାନ' ଅତି ଭୀଷଣ ବାତ୍ୟାର ରୂପ ନେଇ ୨୦ତାରିଖ ମଧ୍ୟାହ୍ନରେ ନେଲୋର ଓ ବିଶାଖାପଟଣା ମଧ୍ୟରେ ସ୍ଥଳଭାଗ ଛୁଇଁବ ଓ ପବନର ଝଟକା ସଂଟାପ୍ରତି ୧୪୫ କିମି ପର୍ଯ୍ୟନ୍ତ ରହିବ । ମଙ୍ଗଳବାର ସନ୍ଧ୍ୟା ସାଢ଼େ ୫ଟା ସୁଦ୍ଧା ଗୋପାଳପୁରଠାରୁ ପ୍ରାୟ ୭୮୦ କିମି ଦକ୍ଷିଣରେ ଓ ଚେନ୍ନାଇଠାରୁ ୫୯୦ କିମି ପୂର୍ବରେ କେନ୍ଦ୍ରୀଭୂତ ଥିବା ଏହି ବାତ୍ୟା ପ୍ରଭାବରେ ଦକ୍ଷିଣ ଓ ଉପକୂଳ ଓଡ଼ିଶାରେ ପ୍ରବନରୁ ଅତି ପ୍ରବଳ ବର୍ଷା ଆଶଙ୍କା ରହିଛି । ୧୮ତାରିଖ ସକାଳ ସୁଦ୍ଧା 'ଅକଭାନ' ଭୀଷଣ ବାତ୍ୟା ଓ ୧୯ତାରିଖ ସନ୍ଧ୍ୟା ସୁଦ୍ଧା ଅତି ଭୀଷଣ ବାତ୍ୟାର ରୂପ ନେବ । ଏହାର ପ୍ରଭାବରେ ୧୮ ଓ ୧୯ରେ ଗଜାମ, ଗଜପତି ଓ ପୁରୀ ଜିଲ୍ଲାରେ ପ୍ରବଳ ବର୍ଷା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବାବେଳେ ୧୯ ଓ ୨୦ ତାରିଖରେ କେନ୍ଦ୍ରାପଡ଼ା, ଜଗତସିଂହପୁର, ଗଜପତି, ଗଞ୍ଜାମ ଓ ପୁରୀ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ୨୦ ଓ ୨୧ ତାରିଖରେ ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି ଓ ଗଞ୍ଜାମ ଏବଂ ୨୧ ଓ ୨୨ ତାରିଖରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ନୂଆପଡ଼ା, ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ଣ୍ଣିଂ ରହିଛି । ମତ୍ସ୍ୟଜୀବୀମାନଙ୍କୁ ୧୮ତାରିଖ ସକାଳୁ ୨୦ ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ନଯିବା ପାଇଁ ପରାମର୍ଶ ଦିଆଯାଇଛି । ସମ୍ଭାବ୍ୟ ବାତ୍ୟାର ମୁକାବିଲା ଓ 'ଜିରୋ କାଜୁଆଲିଟି' ଲକ୍ଷ୍ୟ ହାସଲ କରିବା ପାଇଁ ରାଜ୍ୟ ସରକାର ଓ ବିଶେଷକରି ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି । ସମ୍ଭାବ୍ୟ ବାତ୍ୟା ମୁକାବିଲା ନେଇ ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ସଚିବ ଓ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ଉପସ୍ଥିତିରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ମଙ୍ଗଳବାର ଏନଡିଏମଏ (ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ) ସମୀକ୍ଷା ବୈଠକରେ ମଧ୍ୟ ସ୍ୱତନ୍ତ୍ର ରିଲିଫ୍ କମିଶନର ରାଜ୍ୟର ପ୍ରସ୍ତୁତି ସମ



କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ସମ୍ବଲପୁର
ଆରମ୍ଭ
SEITHO ARAMBHA

ବୁଧବାର ୧୮ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୨

କେବଳ ମିଛ ନ୍ୟାରେଟିଭ କରି ସରକାରକୁ ବଦନାମ କରୁଛି ବିଜେଡି: ସନ୍ତୋଷ ଖଟୁଆ

ଭୁବନେଶ୍ୱର, ୧୭/୧୧ (ଆ.ପ୍ର) : ମିଥ୍ୟା ତଥ୍ୟ ପ୍ରଚାର ଓ "ଫକ୍ସ ନାରେଟିଭ" ଠିଆରି କରିବାରେ ବିଜେଡି ଶୀର୍ଷ ସ୍ଥାନ ଅଧିକାର କରିଛି । ମିଥ୍ୟା ପ୍ରଚାରରେ ନବୀନ ବାବୁଙ୍କ ନାଁ ଗିନିଜ୍ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇବା ଦିନିକୁ ସମୟରେ ମିଛ ଓ ବିଭ୍ରାନ୍ତକାରୀ ତଥ୍ୟ ଦେଇ ରାଜ୍ୟବାସୀଙ୍କୁ ଦୀର୍ଘ ୨୪ ବର୍ଷ ଧରି ଲୁଣ୍ଠି ବୁଲାଇ ଆସିଥିବା ବିଜେଡି ମୁଖିଆ ଓ ପୂର୍ବତନ ମନ୍ତ୍ରୀ ନବୀନ ପଟ୍ଟନାୟକ କି ଜିଲୋପ୍ରିୟତାକୁ ବଜାୟ ରଖିବା ପାଇଁ ମିଥ୍ୟା ଅପପ୍ରଚାର ସାଧାରା ନେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ବିଶେଷ ଭାବେ ପଲ୍ଲୀଶ୍ରୀ, ରାସନ ଓ ଉତା ପ୍ରସଙ୍ଗରେ ନବୀନ ବାବୁ ଏବଂ ତାଙ୍କ ଦଳ ବିଜେଡି ବାରମ୍ବାର ମିଛ କଥା କହି ନିଜ ଦୋଷ ଓ ପୂର୍ବତନରୀ ଘଂଟ ଘୋଟାଳକୁ ଢାଙ୍କି ବିଧାୟକ ସନ୍ତୋଷ ଖଟୁଆ କହିଛନ୍ତି । ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଖଟୁଆ କହିଛନ୍ତି ଯେ: ଡବ୍ଲାଜାନ ବିଜେଡି ସରକାରର ପାରଦର୍ଶୀତା ଓ ପ୍ରିୟାପିତୀ ମନୋଭାବ କାରଣରୁ ୭,୭୫,୦୭୪ ଭୁତ ହିତାଧିକାରୀ ଏବଂ ୨,୦୬,୫୯୭ ଅଯୋଗ୍ୟ ଅର୍ଥାତ ସର୍ବମୋଟ ୯,୮୧,୬୬୧ଙ୍କ ନାମ ତାଲିକାରୁ ବଟିଲା । ବିଜେଡି ସରକାର ଅମଳରେ ଶେଷ ୫ ବର୍ଷରେ ପାଖାପାଖି ୧୧୭ କୋଟି ଟଙ୍କା ବାଟମାରଣା ହେଇଥିଲା । ରାଜ୍ୟରେ ବିଜେପି ସରକାର ଶାସନକୁ ଆସିବା ପରେ ସଠିକ୍ ସର୍ଭେ କରାଯାଇ ସ୍ୱଚ୍ଛତାର ସହ ୧୪,୨୧,୨୨୬ ନୂତନ ଯୋଗ୍ୟ ହିତାଧିକାରୀଙ୍କ ନାମ ଯୋଡାଗଲା । ବର୍ତ୍ତମାନ ଡବ୍ଲିଶାରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ପାଖାପାଖି ୩ କୋଟି ୨୮ ଲକ୍ଷ ୫୨ ହଜାର ୪୩୩ ଜଣ ହିତାଧିକାରୀ ଏଥିରେ ଅନ୍ତର୍ଭୁକ୍ତ ଅଛନ୍ତି । ଏଥିରୁ ଅନ୍ତ୍ୟୋଦୟ ଯୋଜନାରେ ୧୨ ଲକ୍ଷ ୩୮ ହଜାର ୩୨୧ ପରିବାର ରହିଛନ୍ତି । ଅତୀତରେ ଡବ୍ଲାଜାନ ବିଜେଡି ସରକାର ମାତ୍ର ୯ ଲକ୍ଷ ୯୭ ହଜାର ଲୋକଙ୍କୁ ମୁଣ୍ଡପିଛା ୫ କେଜି ରାସନ ଦେଉ ସମସ୍ତ ୩ କୋଟି ୨୮ ଲକ୍ଷ ଲୋକଙ୍କୁ ଚାଉଳ ଦେଉଛନ୍ତି ବୋଲି ମିଥ୍ୟା ପ୍ରଚାର କରୁଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱ ବିଜେପି ସରକାରରେ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା' ମାଧ୍ୟମରେ ସମସ୍ତ ହିତାଧିକାରୀଙ୍କୁ ୫ କେଜି ବଦଳରେ ୧୦ କେଜି ଚାଉଳ ଯୋଗାଇଛନ୍ତି ଏବଂ ଏଥିପାଇଁ ରାଜ୍ୟ ସରକାରଙ୍କୁ ବାର୍ଷିକ ୮,୮୧୩ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି । ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଯେଉଁଥିରେ ସାରା ରାଜ୍ୟରେ ମାତ୍ର ୮୪୫ ଜଣ ଘର ପାଇଥିବେ ଏବଂ ସେମାନଙ୍କୁ ସତ୍ୟସିତି ମଧ୍ୟ ମିଳି ନଥିଲା; ପରେ ବିଜେପି ସରକାର ଆସି ସେମାନଙ୍କୁ ୨ କୋଟି ୪୮ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ନିଜ ନାଁରେ କହି ଲୋକଙ୍କୁ ଲୁଣ୍ଠି ବୁଲାଥିବେ ନବୀନ ବାବୁ ଏବଂ ତାଙ୍କ ସରକାର ବୋଲି ଶ୍ରୀ ଖଟୁଆ କହିଛନ୍ତି । ପୂର୍ବରୁ ଗାଜଳ, ପକ୍କା ଘରକୁ ନେଇ ମିଛ କହୁଥିବା ଉତାକୁ ନେଇ ମଧ୍ୟ ବିଜେଡି ମିଛ ଜହିଦା ଆରମ୍ଭ କରିଦେଇଛି । ଜାତୀୟ ସାମାଜିକ ସୁରକ୍ଷା ଯୋଜନାରେ ରାଜ୍ୟର ୧୯ଲକ୍ଷ ୫୫ ହଜାର ୩୯୧ ଜଣଙ୍କୁ କେନ୍ଦ୍ର ସରକାର ଉତା ପ୍ରଦାନ କରୁଛନ୍ତି । ପୂର୍ବରୁ ୮୦ ବର୍ଷରୁ ଜ୍ୟ ବୟସ୍କଙ୍କୁ ୨୦୨୪ ମସିହା ଜାନୁଆରୀ ପର୍ଯ୍ୟନ୍ତ ୨୦୦ ଟଙ୍କା ଏବଂ ୮୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କଙ୍କୁ ୫୦୦ ଟଙ୍କା ଉତା ପ୍ରଦାନ କରୁଥିଲା ବିଜେଡି ସରକାର । ୨୦୨୪ ମସିହା ଫେବୃଆରୀ ମାସରେ ନିର୍ଦ୍ଦାରଜୁ ବୃଷ୍ଟିରେ ରଖି କେହୋଯ ସହାୟତା ପରିମାଣକୁ ମିଶାଇ ୫୦୦ଟଙ୍କା ଅତିରିକ୍ତ ବୃଦ୍ଧି କରିଥିଲେ । ମାତ୍ର ରାଜ୍ୟରେ ବିଜେପି ସରକାର ଶାସନକୁ ଆସିବା ପରେ ୨୦୨୫ ମସିହା ଜାନୁଆରୀରୁ ୮୦ ବର୍ଷରୁ ଉର୍ଦ୍ଧ୍ୱ ୪ଲକ୍ଷ ୯୭ ହଜାର ଉତ୍ତରଙ୍କୁ ମାସିକ ୩୫୦୦ ଟଙ୍କା ଏବଂ ୮୦ ବର୍ଷରୁ ଜମ୍ ୧୨ ଲକ୍ଷ ୫୦ ହଜାର ୩୯୧ ଉତ୍ତରଙ୍କୁ ଏହି ପରିମାଣ ୧୦୦୦ ଟଙ୍କାକୁ ବୃଦ୍ଧି କରିଥିଲେ । ତଳ୍ଲାନ୍ତ ବିଜେଡି ସରକାର ସମୟରେ ୫ ବର୍ଷରେ ୧୬ ହଜାର ୪୬୦ କୋଟି ଟଙ୍କା ଖର୍ଚ୍ଚ ହେଉଥିବାବେଳେ ବର୍ତ୍ତମାନ ବିଜେପି ସରକାର ଏଥିପାଇଁ ୪୨ ହଜାର ୪୪୦ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହିତାଧିକାରୀଙ୍କୁ ସୁବିଧା ଦେବା ପାଇଁ ଜାତୀୟ ଓ ରାଜ୍ୟ ସାମାଜିକ ସହାୟତା କାର୍ଯ୍ୟକ୍ରମର ମାସିକ ଉତା ଏକାଠି କରି ପ୍ରଦାନ କରାଯାଇଛି ବୋଲି ଶ୍ରୀ ଖଟୁଆ କହିଛନ୍ତି । କେବଳ ରାସନରେ ରାଷ୍ଟ୍ରଣ ନ ଦେଇ ଏସମସ୍ତ ପ୍ରସଙ୍ଗକୁ ନେଇ ବିଧାନସଭା ଗୃହରେ ଆଲୋଚନା କରନ୍ତୁ । ପ୍ରଚାରସର୍ବସ୍ୱ ନବୀନ ଜନସାଧାରଣଙ୍କ ହିତ ପାଇଁ ସମସ୍ତେ ମିନିମିଶି କାମ କରିବା ଆବଶ୍ୟକ । ମିଥ୍ୟା ଅପପ୍ରଚାର ଯୋଗୁଁ ହିଁ ଜନସାଧାରଣ ସାଧାରଣ ନିର୍ବାଚନ ଏବଂ ନୂଆପଡ଼ା ଉପନିର୍ବାଚନରେ ବିଜେଡିକୁ ପ୍ରତ୍ୟାଖ୍ୟାନ କରିଛନ୍ତି ବୋଲି ଶ୍ରୀ ଖଟୁଆ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ସତ୍ୟଜିତ ପଣ୍ଡା ଏବଂ ପ୍ରବକ୍ତା ସଞ୍ଜୟ ରଥ ଉପସ୍ଥିତ ଥିଲେ ।



ବାତ୍ୟା 'ଅକ୍ସାନ' ମୁକାବିଲା ପାଇଁ କୋରାପୁଟ ପ୍ରଶାସନର ଆଗୁଆ ପ୍ରସ୍ତୁତି
୧୬ଟି ସ୍ଥାନରେ ଭୂସ୍ଖଳନ ଆଶଙ୍କା, ୮୪ଟି ଗ୍ରାମ ଉପରେ ସ୍ୱତନ୍ତ୍ର ନଜର

କୋରାପୁଟ, ୧୭/୧୧ (ଆ.ପ୍ର) : ସମ୍ଭାବ୍ୟ ବାତ୍ୟା 'ଅକ୍ସାନ'ର ମୁକାବିଲା ଏବଂ ଜନସାଧାରଣଙ୍କ ଧନଜୀବନ ସୁରକ୍ଷା ନିମନ୍ତେ କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗୁଆ ପ୍ରସ୍ତୁତି ଆରମ୍ଭ ହୋଇଛି । ଏନେଇ ଜିଲ୍ଲାପାଳ ମନୋଜ ସତ୍ୟବ୍ରତ ମହାଜନଙ୍କ ଅଧ୍ୟକ୍ଷତାରେ ଆକାଶୀ ମାଧ୍ୟମରେ ଏକ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଆୟୋଜିତ ହୋଇଥିଲା । ଏଥିରେ ଜିଲ୍ଲାର ସମସ୍ତ ବିଡିଓ, ତହସିଲଦାର ଓ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ସମ୍ଭାବ୍ୟ ବିପର୍ଯ୍ୟୟର ମୁକାବିଲା ନେଇ ଆଲୋଚନା କରିଥିଲେ । ବୈଠକରେ ଜିଲ୍ଲାର ୧୬ଟି ସ୍ଥାନରେ ଭୂସ୍ଖଳନ ଆଶଙ୍କା ଥିବାରୁ ସେହି ଅଂଚଳଗୁଡ଼ିକର ଉପରେ ସତର୍କ ଦୃଷ୍ଟି ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏଥିସହ ଜରୁରୀ ପରିସ୍ଥିତିରେ ରାଷ୍ଟ୍ରାରୁ ମାଟି ଓ ଅବରୋଧ ହଟାଇବା ପାଇଁ ଜେସିବି ସମେତ ଆବଶ୍ୟକୀୟ ଯନ୍ତ୍ରପାତି ଓ ଯାନ୍ତ୍ରିକ ସାଧନ ପ୍ରସ୍ତୁତ ରଖିବାକୁ କୁହାଯାଇଥିଲା । ଏହାବ୍ୟତୀତ ଜରୁରୀ ଆବଶ୍ୟକତା ପାଇଁ ପର୍ଯ୍ୟାପ୍ତ ପରିମାଣର ପଲିଥିନ୍ ମହତୁତ ରଖିବାକୁ ମଧ୍ୟ ନିର୍ଦ୍ଦେଶ ରହିଛି । ସେହିପରି କୋରାପୁଟ, ଲକ୍ଷ୍ମୀପୁର, ଜୟପୁର, ବୈପାରୀଗୁଡ଼ା ଓ କୋଟପାଡ଼ ଉଚ୍ଚ ପ୍ରଥମ ଅଂଚଳର ରାଷ୍ଟ୍ରାଗୁଡ଼ିକରେ ବଡ଼ ଯାନବାହନ ଅଯଥାରେ ପାଇଁ ନକରି ଯାତାୟାତ ପଥକୁ ଅବାଧ ରଖିବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ । ସମ୍ଭାବ୍ୟ ବାତ୍ୟାରେ ପ୍ରଭାବିତ ହେବାର ଆଶଙ୍କା ଥିବା ୮୪ଟି ଗ୍ରାମ ଉପରେ ପ୍ରଶାସନ ସ୍ୱତନ୍ତ୍ର ନଜର ରଖିବ । ଏଥିସହ ସମ୍ଭାବ୍ୟ ପ୍ରଭାବିତ ହେବାର ଆଶଙ୍କାଥିବା ସମସ୍ତ ଅଙ୍ଗନବାଡ଼ି ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଆସନ୍ତା ୨୪ ଘଣ୍ଟା ପାଇଁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହ ପ୍ରତ୍ୟେକ ଗ୍ରାମ ପାଇଁ ସ୍ୱତନ୍ତ୍ର ଯାତାୟାତ ମାର୍ଗ (ରୁଟ୍ ଚାର୍ଟ) ପ୍ରସ୍ତୁତ କରିବା ସହ ଆବଶ୍ୟକ ସ୍ଥଳେ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ଓ ଉଦ୍ଧାର କାର୍ଯ୍ୟକୁ ସୁଗମ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ବୈଠକ ଶେଷରେ ସମସ୍ତ ବିଡିଓ, ତହସିଲଦାର ଓ ବିଭାଗୀୟ ଅଧିକାରୀଙ୍କୁ ନିଜ ନିଜ ଅଂଚଳରେ ସତ୍ତାର ରହିବା ସହ ସମସ୍ତ ଆଦେଶାବଳୀ ପ୍ରସ୍ତୁତି ଧ୍ୟାନ ସମୟ ପୂର୍ବରୁ ଶେଷ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଓ ଦ୍ରୁତିତ ପଦକ୍ଷେପ ମାଧ୍ୟମରେ ସମ୍ଭାବ୍ୟ ବାତ୍ୟାର ପ୍ରଭାବକୁ କମାଇବା ସହ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଉପରେ ପ୍ରଶାସନ ଗୁରୁତ୍ୱ ଦେଇଛି ।



ବିଜେଡ଼ିର ଜନସମ୍ପର୍କ ପଦଯାତ୍ରାରେ ଶକ୍ତି ପ୍ରଦର୍ଶନ
ବାଇକ୍ ଶୋଭାଯାତ୍ରାରେ କମ୍ପିଲା ବାଲିଗୁଡ଼ା ସହର

ବାଲିଗୁଡ଼ା, ୧୭/୧୧ (ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡ଼ାରେ ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ଆୟୋଜିତ ଜନସମ୍ପର୍କ ପଦଯାତ୍ରା ଅବସରରେ ଏକ ବିଶାଳ ମୋଟରସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ଦଳୀୟ କର୍ମୀ ଓ ସମର୍ଥକଙ୍କ ଉତ୍ସାହ, ଉଦ୍ଦୀପନା ଏବଂ ସ୍ଲୋଗାନରେ ବାଲିଗୁଡ଼ା ସହରରେ ଏକ ରାଜନୈତିକ ମାହୋଲ ସୃଷ୍ଟି ହୋଇଥିଲା । ଏହି ଶୋଭାଯାତ୍ରା ବାଲିଗୁଡ଼ାର ବଣ୍ଡପଡ଼ର ଠାରୁ ଆରମ୍ଭ ହୋଇ ଗାନ୍ଧନ ହଲ ପର୍ଯ୍ୟନ୍ତ ସହରର ବିଭିନ୍ନ ରାସ୍ତା ଓ ଅଂଚଳ ପରିକ୍ରମା କରିଥିଲା । ଶତାଧିକ ମୋଟର ସାଇକେଲରେ ଦଳୀୟ କର୍ମୀ ଓ ସମର୍ଥକମାନେ ସାମିଲ ହୋଇ ଦଳୀୟ ମଞ୍ଚରେ କୁହାଯାଇଛି । ଏହି ଅବସରରେ ଦଳୀୟ କର୍ମୀଙ୍କ ମଧ୍ୟରେ ନୂତନ ଉତ୍ସାହ ଓ ଏକତାର ଭାଇଁ ଦେଖିବାକୁ ମିଳିଥିଲା । ଏହି କାର୍ଯ୍ୟକ୍ରମରେ ବାଲିଗୁଡ଼ା ବ୍ଲକ ବିଜେଡି ସଭାପତି ଅମିତ ନାୟକ, ପୂର୍ବତନ ବିଧାୟକ ରାଜୀବ ପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଜୋଶୀଲା ମୁଖି, ଜିଲ୍ଲା ମହିଳା ସଭାନେତ୍ରୀ ପୁନମ କହରଙ୍କ ସମେତ ବହୁ ଦଳୀୟ ନେତା, କର୍ମୀ ଓ ସମର୍ଥକ ଯୋଗଦେଇଥିଲେ । ଜନସମ୍ପର୍କ ପଦଯାତ୍ରା ମାଧ୍ୟମରେ ବୃଣମୂଳ ସ୍ତରରେ ଦଳୀୟ ସଂଗଠନକୁ ଆହୁରି ସୁଦୃଢ଼ କରିବା ଏବଂ ଜନସାଧାରଣଙ୍କ ସହ ସମ୍ପର୍କକୁ ନିବିଡ଼ କରିବା ଦିଗରେ ବିଜେଡି ପକ୍ଷରୁ ଏହି ପ୍ରୟାସ କରାଯାଇଥିବା ଦେଖାଯାଇଛି ।



ଦଣ୍ଡପାଟ ଗଣମାଧ୍ୟମ ସଂଘର ନୂତନ କର୍ମକର୍ତା ଚୟନ

ଧର୍ମଗଡ଼, ୧୭/୧୧ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଦଣ୍ଡପାଟ ଗଣ ମାଧ୍ୟମ ସଂଘର ଏକ ବୈଠକ ବେହେରାଗୁଡ଼ା ଠାରେ ଅନୁଷ୍ଠିତ ହୋଇଥିଲା ଓ ନୂତନ କମିଟି ସର୍ବ ସମ୍ମତି କ୍ରମେ ଚୟନ କରା ଯାଇଥିଲା । ସଂଘର ସଭାପତି ଭାବେ ବରିଷ୍ଠ ସାମ୍ବାଦିକ ଲକ୍ଷ୍ୟଜ୍ୟୋତି ଜାଲ, ଉପ ସଭାପତି ଯୋଡିତ ଗାନ୍ଧୀ, ନିରାକାର ଗୋପାଳ, ସଂପାଦକ ସୁଧୀର ଗୋପାଳ, ସହ ସଂପାଦକ ଖଗପତି ନାଏକ, କାମେଶ ନାଗ, କୃଷ୍ଣିକେଶ ଗୋପାଳ, କୋଷାଧ୍ୟକ୍ଷ ସେତୁରାମ ଭକ୍ତ, ଯତୁମଣି ଦୁର୍ଗା, କାର୍ଯ୍ୟକାରୀ ସଦସ୍ୟ ଭାବେ ବିରଜ ଦାଶ ନାଏକ, ବିଜୟ ଦୁଡିଆ, ପ୍ରତୀପ ସେଠିଆ, ଉଦିତ ଠାକୁର, ଛେତ୍ର ମୋହନ ନାଗ, କୃଷ୍ଣ ଚନ୍ଦ୍ର ଦୁର୍ଗାଙ୍କୁ ଚୟନ କରା ଯାଇଥିଲା । ସାମ୍ବାଦିକର ଧର୍ମ ହେଉଛି ତାଙ୍କର ମୌଳିକ ଦାୟିତ୍ୱ ଓ ନୈତିକ କର୍ତ୍ତବ୍ୟ, ସତ୍ୟ, ନିରପେକ୍ଷତା, ଜନସ୍ୱାର୍ଥ ସେବା ଏବଂ କ୍ଷମତାର ଜବାବଦିହିତା ପାଇଁ ସ୍ୱର ଉତୋଳନ । ଏହା କୌଣସି ଧାର୍ମିକ ଧର୍ମ ନୁହେଁ; ଏହା ସାମ୍ବାଦିକତାର ପେଶାଗତ ଆଦର୍ଶ । ମୁଖ୍ୟ ଦାୟିତ୍ୱ କରିବା ଏକ ନୈତିକ ପ୍ରତିଶ୍ରୁତି ଅଟେ । ଗଣମାଧ୍ୟମର ବିଶ୍ୱସନୀୟତା ଏହି ନୈତିକ ଭିତି ଉପରେ ନିର୍ଭର କରେ । ସାମ୍ବାଦିକର ଧର୍ମ ହେଉଛି ସତ୍ୟ ପ୍ରକାଶ, ନିରପେକ୍ଷ ରିପୋର୍ଟିଂ, ଜନସେବା ଏବଂ କ୍ଷମତାର ବିରୁଦ୍ଧରେ ଦାୟିତ୍ୱବାନ ସ୍ୱର ଉତୋଳନ କରିବା ହେଉଛି ସାମ୍ବାଦିକ ଧର୍ମ ବୋଲି ସଭାପତି କହିଥିଲେ ।




ଆମ ଗାଁ ସାହିତ୍ୟ ସଂସଦ ପକ୍ଷରୁ 'ପବିତ୍ର କାର୍ତ୍ତିକ ମାସ' ଶୀର୍ଷକ ଆଲୋଚନା ଚକ୍ର

ଜଗତସିଂହପୁର, ୧୭/୧୧ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା ଉଜୁନାଥପୁର ବ୍ଲକ ଅନ୍ତର୍ଗତ ଚେରୁଆ ମଠ ପରିସରରେ ଶିକ୍ଷାବିତ ସୁରେଶ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଆମ ଗାଁ ସାହିତ୍ୟ ସଂସଦର 'ପବିତ୍ର କାର୍ତ୍ତିକ ମାସ' ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶୀର୍ଷକ ସମ୍ପର୍କରେ ଉପସ୍ଥିତ ସାହିତ୍ୟ ମନସ୍କ ବକ୍ତାମାନେ ବହୁ ତୋତ୍ତକ ତଥ୍ୟ ଉପସ୍ଥାପନ କରିଥିଲେ । ତାଲି ଆସୁଥିବା ପରମ୍ପରା ଯେ କୁମେ ପ୍ରଦର୍ଶନରେ ପରିଣତ ହେବାକୁ ବସିଲାଣି ବୋଲି ମତପ୍ରକାଶ ପାଇଥିଲା । ଏଥିରେ ସାହିତ୍ୟ ସଂସଦର ସମ୍ପାଦକ ଅଲେଖ ଚନ୍ଦ୍ର ବେହେରା, ଅଜୟ କୁମାର ବରାଳ, ବ୍ରଜକିଶୋର ସ୍ୱାଇଁ, ଲୋଚାସ ଚନ୍ଦ୍ର ମଲ୍ଲିକ, ପରାଶିତ ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିବା ବେଳେ ନିରଞ୍ଜନ ଦ୍ୱିବେଦୀଙ୍କ ଜନ୍ମଦିନ ଅବସରରେ ତାଙ୍କୁ ଏବଂ ତାଙ୍କ ସହଧର୍ମିଣୀ ଶାନ୍ତିଲତା ଦ୍ୱିବେଦୀଙ୍କୁ ପୁଷ୍ପଗୁଚ୍ଛ ଓ ଅଙ୍ଗବସ୍ତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।

ଶିକ୍ଷୟିତ୍ରୀଙ୍କୁ ଭାବବିହ୍ୱଳ ବିଦାୟ
ପାଇକସାହି ବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା

ବାସୁଦେବପୁର, ୧୭/୧୧ (ଆ.ପ୍ର) : ଶିକ୍ଷକ କେବଳ ପାଠ ପଢ଼ାନ୍ତି ନାହିଁ, ବରଂ ଛାତ୍ରଛାତ୍ରୀଙ୍କ ଜୀବନକୁ ଗଢ଼ିବା ସହ ସେମାନଙ୍କ ଭବିଷ୍ୟତର ମାର୍ଗଦର୍ଶକ ସାଜିଥାନ୍ତି । ଦୀର୍ଘ ବର୍ଷର ଶିକ୍ଷାଦାନ ଓ ନିଷ୍ଠାପର ସେବା ପରେ ଜଣେ ଶିକ୍ଷୟିତ୍ରୀଙ୍କୁ ବିଦାୟାଇଛି ଛାତ୍ରଛାତ୍ରୀ ଭାବବିହ୍ୱଳ ବିଦାୟ । ଏଭଳି ଏକ ଭାବପୂର୍ଣ୍ଣ ପରିବେଶ ଦେଖିବାକୁ ମିଳିଛି ପାଇକସାହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ । ସେବାର ଜେବେ ଅନ୍ତ ହୁଏନାହିଁ, ଅବସର ଜେବେ ଏକ ସମୟର ପରିବର୍ତ୍ତନ । ଏହି ମାନବ୍ ବିଦ୍ୟାଧାରାକୁ ନେଇ ପାଇକସାହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାସଙ୍କ ଉଦ୍ଦେଶ୍ୟରେ ଆୟୋଜିତ ହୋଇଥିଲା ଏକ ଭବ୍ୟ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା । ଦୀର୍ଘ ଦିନର ଶିକ୍ଷାଦାନ, କର୍ତ୍ତବ୍ୟନିଷ୍ଠା ଓ ଛାତ୍ରଛାତ୍ରୀଙ୍କ ପ୍ରତି ଗଭୀର ସ୍ନେହବୁଦ୍ଧାକୁ ମନେ ପକାଇ ଉପସ୍ଥିତ ଅତିଥିମାନେ ଭୂୟସୀ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବକ୍ତିମେଚର ପୂର୍ବତନ ଆଦଜିଜ ସାଧନ ଜେନ୍ଦ୍ର ସଂଯୋଜକ ଶ୍ରୀଯୁକ୍ତ ଶୁଶାନ୍ତ କୁମାର ବେହେରା ଯୋଗଦେଇ ନିଜ ଅଭିଜ୍ଞତାରେ କହିଥିଲେ, ସେବା କେବେ ଶେଷ ହୁଏନାହିଁ । ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସେବା ଜାରି ରହିଥାଏ । ଅବସର କେବଳ ଏକ ସମୟ ମାତ୍ର । ସେହିପରି ସମ୍ମାନିତ ଅତିଥି ଶ୍ରୀଯୁକ୍ତ ତପନ କୁମାର ମଣ୍ଡଳ ଓ ସିଆରସିସି ଶ୍ରୀଯୁକ୍ତ ଦୋଳଗୋବିନ୍ଦ ମିଶ୍ର ଉପସ୍ଥିତ ରହି ଶିକ୍ଷୟିତ୍ରୀଙ୍କ ଉତମ କର୍ମମୟ ଜୀବନର ସୃତିଚାରଣ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଓ ଗ୍ରାମବାସୀମାନେ ଶ୍ରୀମତୀ ବିଜୟଲକ୍ଷ୍ମୀ ଦାସଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଦୀର୍ଘଦିନର ସ୍ନେହ ଓ ସ୍ନେହର ସୃତିକୁ ମନେ ପକାଇ ବିଦାୟ ବେଳାରେ ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କ ଆଖିରୁ ଝରିଥିବା ଅଶ୍ରୁଧାର । ଏକ ଭାବବିହ୍ୱଳ ପରିବେଶ ମଧ୍ୟରେ ତାଙ୍କୁ ବିଦାୟାଇଥିବା ଅଶ୍ରୁଳ ବିଦାୟ ଶିକ୍ଷକ ଦାମୋଦର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜେନ୍ଦ୍ର ସହଯୋଗ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଝାରାଣି ତନୟା ନାୟକ ସଭା ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଶିକ୍ଷକ ଶ୍ରୀଯୁକ୍ତ ନାରାୟଣ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଅବସର ନେଇଛନ୍ତି ସିନା, ହେଲେ ଛାତ୍ରଛାତ୍ରୀଙ୍କ ହୃଦୟରେ ସେ ଚିରଦିନ ପାଇଁ ରହିବେ । ଜଣେ ଆଦର୍ଶ ଶିକ୍ଷୟିତ୍ରୀଙ୍କ ଏହି ବିଦାୟ କେବଳ ଏକ ଔପଚାରିକତା ନୁହେଁ, ବରଂ ତାଙ୍କର ନିଷ୍ଠାପର ସେବା ପ୍ରତି ସମ୍ମାନ ଓ ଶ୍ରଦ୍ଧାର ଏକ ଅଭୁଲା ମୁହୂର୍ତ୍ତ ।



ଗୋବିନ୍ଦ ଗୋଧାମରେ ଗୋଷ୍ଟାଷ୍ଟମୀ ପାଳିତ

ପୁରୀ, ୧୭/୧୧ (ଆ.ପ୍ର) : ଶ୍ରୀରାମ ସୁରଭକାଣ୍ଡ ଚାରିଦେଉଳ ଟ୍ରଷ୍ଟ ଦ୍ୱାରା ସଂଚାଳିତ ଆଳିପଡା ଗ୍ରାମାଠାରେ ଥିବା ଗୋବିନ୍ଦ



ଆରମ୍ଭ

SEITHO ARAMBHA



ବୁଧବାର ୧୮ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

ଡ.ପୂ. ରେଳବାଇ ଟେଣ୍ଡର

ରାଜରେ ରାଷ୍ଟ୍ରାୟତ୍ତ ଦେବତ୍ତ, ପୁରୁ ପୁରା (ନିର୍ମାଣ)ଙ୍କରି ଗାର୍ଡରେ ରିହ, ରେକ୍ଷଣାବା-୭୦୦୦୪୩, ଟିଟିଇଙ୍କୁ ଦରପତ୍ର ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଇ-ଟେଣ୍ଡର ସିରୀୟ ସଂଖ୍ୟା: 4697-GMC-CE-C-SO-58-2026 । ଜରୁରିକାଳୀନ ଟେଣ୍ଡରା: ଦକ୍ଷିଣ ପୂର୍ବ ରେଳବାଇର ଖଡ଼ଗପୁର ବିଭିନ୍ନ ରେଳ ଷ୍ଟେସନରେ ଅବସ୍ଥାପନ ହୋଇଥିବା ଏସ୍କେଲେଟର ମାନଙ୍କର ଏନ୍ଟ୍ରାନ୍ସ/ଏକ୍ସଟ୍ରାନ୍ସିଲରେ ସେବାରେ (ଏଇ, ଯେକୌଣସି ୫ ୨+୨+୦ ଟି ଯୁନିଟ୍ ବିଶିଷ୍ଟ) ଏସ୍କେଲେଟରଗୁଡ଼ିକର ଯୋଗାଣ, ସଂସ୍ଥାପନ, ଟେଷ୍ଟିଂ ଏବଂ ଚାଲୁକରଣ ପାଇଁ ଦରପତ୍ର ଆହ୍ୱାନ କରାଯାଇଛି । ଟେଣ୍ଡର ଡକୁମେଣ୍ଟ ଅନ୍ତର୍ଜାଲରେ ଉପଲବ୍ଧ ହେବ ଏବଂ ଦରଦାତାମାନେ ଏହାକୁ ଡାଉନଲୋଡ୍ କରିପାରିବେ । ଦରପତ୍ର ଦାଖଲ ଶେଷ ତାରିଖ ଓ ସମୟ ନିମ୍ନରେ ଦିଆଯାଇଛି । ଏହାର ମୂଲ୍ୟ ନାହିଁ । ଦରପତ୍ର ଖୋଲିବା ତାରିଖ ଓ ସମୟ ମଧ୍ୟ ନିମ୍ନରେ ଦିଆଯାଇଛି । ଦରପତ୍ର ଖୋଲିବା ସମୟରେ ଦରଦାତା ବା ସେମାନଙ୍କ ଅନୁମତିପ୍ରାପ୍ତ ପ୍ରତିନିଧି ଉପସ୍ଥିତ ରହିପାରିବେ । ଦରପତ୍ର ଦାଖଲ ଶେଷ ତାରିଖ ଓ ସମୟ ପରେ ପ୍ରାପ୍ତ ଦରପତ୍ର ଗ୍ରହଣ କରାଯିବ ନାହିଁ । ଦରପତ୍ର ଖୋଲିବା ତାରିଖ ପରେ ଦରପତ୍ର ବୈଧତା ୯୦ ଦିନ ରହିବ । ଦରପତ୍ର ଦାଖଲ ଓ ଖୋଲିବା ତାରିଖ ୧୨-୧୨-୨୦୨୬ ୧୫:୦୦ ଘଣ୍ଟା (IST) । ଅଧିକ ତଥ୍ୟ ପାଇଁ www.ireps.gov.in ଦେଖନ୍ତୁ । ଯେକୌଣସି ପରିବର୍ତ୍ତନ ବା ଏହି ସମ୍ପର୍କରେ ଅତିରିକ୍ତ ସୂଚନା ପାଇଁ ୱେବସାଇଟ୍ ଦେଖନ୍ତୁ । ଡିଭିଜନାଲ ରେଳ ପ୍ରବନ୍ଧକ, ଖଡ଼ଗପୁର ଏହି ସମ୍ପର୍କରେ ଅତିରିକ୍ତ ତଥ୍ୟ ପ୍ରଦାନ କରିବେ ନାହିଁ ।

(PR-1015)

ଜାତୀୟ ପ୍ରେସ୍ ଦିବସ ପାଳିଲା ଓଡ଼ିଶା ସାମ୍ବାଦିକ ୟୁନିଅନର ବାଲେଶ୍ୱର ଶାଖା



ବାଲେଶ୍ୱର, ୧୬/୧୧ (ଆ.ପ୍ର) : ସାମ୍ବାଦିକତା କେବଳ ଖବର ପରିବେଷଣର ମାଧ୍ୟମ ନୁହେଁ, ବରଂ ସମାଜ ପ୍ରତି ଏକ ଗଭୀର ଦାୟିତ୍ୱବୋଧ ଓ ଅଙ୍ଗୀକାରବଦ୍ଧତାର ପରିଚୟ । ସାମ୍ବାଦିକମାନେ ନିରପେକ୍ଷତା, ସତ୍ୟନିଷ୍ଠା ଓ ସାମାଜିକ ଦାୟିତ୍ୱକୁ ପ୍ରାଥମିକତା ଦେବା କାର୍ଯ୍ୟ କରେ ବୋଲି ସମାଜରେ ସକାରାତ୍ମକ ପରିବର୍ତ୍ତନର ବାର୍ତ୍ତା ପଂଚରିଚାରିକ ବୋଲି ଜାତୀୟ ପ୍ରେସ୍ ଦିବସ ଅବସରରେ ଆୟୋଜିତ ଆଲୋଚନାଚକ୍ରରେ ବକ୍ତାମାନେ ମତପ୍ରକାଶ କରିଛନ୍ତି । ଓଡ଼ିଶା ସାମ୍ବାଦିକ ୟୁନିଅନ୍ (ଓୟୁଜେ)ର ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ସ୍ଥାନୀୟ ଚାରୁ ଓ କାରୁକଳା ମହାବିଦ୍ୟାଳୟ ପରିସରରେ ଏହି ଦିବସ ପାଳିତ ହୋଇଥିଲା । ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ । ବକ୍ତାମାନେ କହିଥିଲେ ଯେ, ସାଧାରଣ ଜନତା ଓ ସରକାରଙ୍କ ମଧ୍ୟରେ ସାମ୍ବାଦିକ ଏକ ସେତୁ ଭାବେ କାର୍ଯ୍ୟ କରିଥାନ୍ତି । ମାତ୍ର କେତେକ କ୍ଷେତ୍ରରେ ସାମ୍ବାଦିକମାନେ ନିଜର ମୌଳିକ ଦାୟିତ୍ୱରୁ ବିଚ୍ୟୁତ ହୋଇ ରାଜନୈତିକ ଦଳର ମୁଖପାତ୍ର ଭଳି କାର୍ଯ୍ୟ କରିବା ଗଣମାଧ୍ୟମର ବିଶ୍ୱସନୀୟତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଏହା ସମାଜ ପାଇଁ ଆଦୌ ଶୁଭଙ୍କର ନୁହେଁ । ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକ ଗଣମାଧ୍ୟମ ପରେ ସୋସିଆଲ୍ ମିଡିଆରେ ସାମ୍ବାଦିକତାର ପରିସର ବ୍ୟାପକ ହୋଇଛି । କିନ୍ତୁ ଏହା ସହିତ ମିଥ୍ୟା ଓ ସତ୍ୟ ଖବର ମଧ୍ୟରେ ପାର୍ଥକ୍ୟ ଚିହ୍ନିବା ଏକ ବଡ଼ ଆହ୍ୱାନ ହୋଇଛି । କେଉଁଟି ସତ ଓ କେଉଁଟି ମିଥ୍ୟା, ତାହା ତତ୍କାଳ ଜାଣିବା ସମ୍ଭବ ହେଉନଥିବାରୁ ସାଧାରଣ ଲୋକଙ୍କ ମନରେ ଗଣମାଧ୍ୟମ ପ୍ରତି ଥିବା ବିଶ୍ୱାସ ହ୍ରାସ ପାଉଛି । ଏଭଳି ସ୍ଥିତିରେ ସାମ୍ବାଦିକମାନେ ତଥ୍ୟର ସତ୍ୟତା ଯାଂଚ କରିବା ସହ ନିଜର ଲେଖିକାରୀ ଓ ନିରପେକ୍ଷତା ବଜାୟ ରଖିବା ଜରୁରୀ ବୋଲି ମତ ପ୍ରକାଶ ପାଇଥିଲା । ଅନ୍ୟପକ୍ଷରେ ସାମ୍ବାଦିକମାନଙ୍କ ମଧ୍ୟରେ ବିଭାଜନ ଓ ଏକତାର ଅଭାବ ଯୋଗୁଁ ସେମାନଙ୍କ ନ୍ୟାଯୋଚିତ ଦାବିସୁଚିକ ଗୁରୁତ୍ୱ ହରାଉଛି ବୋଲି ବକ୍ତାମାନେ ଉଦ୍?ବେଗ ପ୍ରକାଶ କରିଥିଲେ । ସାମ୍ବାଦିକମାନଙ୍କ ପାଇଁ ପେନସନ୍, ସୁରକ୍ଷା, ଅଧିସ୍ୱୀକୃତି, ଚେଲପ୍ରତାରର ସୁବିଧା, ବୀମାରାଶି ବୃଦ୍ଧି ଏବଂ ବୀମାରେ ପିତାମାତାଙ୍କୁ ସାମିଲ କରିବା ଭଳି ଦାବିସୁଚିକ ଏବେ ବି ଅପୂରଣୀୟ ରହିଛି । ଏହାପାଇଁ ସାମ୍ବାଦିକ ସଂଗଠନଗୁଡ଼ିକ ମଧ୍ୟରେ ସମନ୍ୱୟ ଓ ଏକତା ରହିବା ଆବଶ୍ୟକ । ସମାରୋହରେ ଏକତ୍ରିତ ହୋଇ ଦାବି ଉପସ୍ଥାପନ କରେ ସାରକାର ଏଥାର ସମାଧାନ ପାଇଁ ଅଧିକ ଗୁରୁତ୍ୱ ଦେବେ ବୋଲି ବକ୍ତାମାନେ ଆଶାବ୍ୟକ୍ତ କରିଥିଲେ । ଏହି ଅବସରରେ ୟୁନିଅନର ବରିଷ୍ଠ ସଦସ୍ୟ ଶିଶିର କୁମାର ଦାଶ, ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୁଷ୍ମି ତିହାରୀ ଦାସ, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, 'ଓଡ଼ିଶା ଖବର'ର ସମ୍ପାଦକ ଅମିୟ କୁମାର ମହାନ୍ତି, ୟୁନିଅନର ବରିଷ୍ଠ ସଦସ୍ୟ ମହେଶ୍ୱର ପ୍ରଧାନ ଓ ମଧୁସୂଦନ ଦାସ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ୟୁନିଅନର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଅନୀତା ଚଉଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ୟୁନିଅନର ସଦସ୍ୟ ଏବଂ ବହୁେର ଚଉଣ ପ୍ରଧାନ, କମଳାକାନ୍ତ ନାୟକଙ୍କ ସମେତ ମାଇଚିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇଥିଲେ ।

କାର୍ତିକେଶ୍ୱର ପାତ୍ର ଫାଉଣ୍ଡେସନ୍ ଏବଂ ଓଷ୍ଟାର ମିଳିତ ସହଯୋଗରେ ଶିଶୁ ମହୋତ୍ସବ କାର୍ଯ୍ୟକ୍ରମ



ବାଲେଶ୍ୱର, ୧୭/୧୧ (ଆ.ପ୍ର) : ପିତାମାନଙ୍କୁ ଅବହେଳା କରେ ଉତ୍କଳ ଓଡ଼ିଶାର ବିକାଶ ବାଧାପ୍ରାପ୍ତ ହେବ । ସେମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ ଯତ୍ନ ନେବା ସହିତ ମାନସିକ ଓ ଶାରୀରିକ ଅଭିବୃଦ୍ଧି ପ୍ରତି ଧ୍ୟାନଦେବା ଆବଶ୍ୟକ । ସେମାନେ ହିଁ ଆମ ପରିବାରର ଅଳଙ୍କାର ସଦୃଶ ବୋଲି ପୂର୍ବତନ ସାଂସଦ, ବିଧାୟକ, ସାରସ୍ୱତ ସାଧକ ତଥା ଗୋରାଗାଲ ବିକାଶର ବିଶ୍ୱକର୍ମା ଡ. କାର୍ତିକେଶ୍ୱର ପାତ୍ରଙ୍କର ୮୭ ତମ ଜୟନ୍ତୀ ପାଳନ ଅବସରରେ ଆୟୋଜିତ ଶିଶୁ ମହୋତ୍ସବରେ ଯୋଗଦେଇ ଅଭିଭାବକ ମତବ୍ୟକ୍ତ କରିଛନ୍ତି । ଏହି ଉତ୍ସବ କାର୍ତିକେଶ୍ୱର ପାତ୍ର ଫାଉଣ୍ଡେସନ୍ ଏବଂ ଗୋରାଗାଲ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ମିଳିତ ସହଯୋଗରେ ଦୁଇଦିନ ବ୍ୟାପୀ ରସିଦପୁର କ୍ରୀଷ୍ଟୋଫରଠାରେ ଆୟୋଜିତ ହୋଇଥିଲା । ଉଦଯାପନୀ ଉତ୍ସବରେ ଗୋରାଗାଲ ବିଧାୟକ ଗୌତମବୁଦ୍ଧ ଦାସ ପୌରାହିତ୍ୟରେ ଅନୁଷ୍ଠିତ ଉଦଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ କୃପାକେତ୍ତର ସଭାପତି ଶ୍ରୀକୃଷ୍ଣ ଦାସ, ମୁଖ୍ୟବକ୍ତା ସତ୍ୟେଷ କୁମାର ଜେନା, ସମ୍ମାନୀତ ବକ୍ତା ସମାଜସେବୀ ସୁଦର୍ଶନ ଜେନା, ପ୍ରଦୀପ ନାୟକ, ସୁନୀଲ ଜଗ, ଅବସରପ୍ରାପ୍ତ ଅଧ୍ୟାପକ ପଣ୍ଡିତ ଷଷ୍ଠୀଚରଣ ନନ୍ଦ, ଶିକ୍ଷକ ଅରୁଣ ଦାସ, ପ୍ରାକ୍ତନ ଶିକ୍ଷକ ଗୋପବନ୍ଧୁ ମହାପାତ୍ର, ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁଦ୍ଧତ କୁମାର ସାହୁ ପ୍ରମୁଖ ଯୋଗ ଦେଇ ନିଜର ବକ୍ତବ୍ୟ ରଖିଥିଲେ । ଫାଉଣ୍ଡେସନ ଆନୁକୂଲ୍ୟରେ ପୁରାଣିତ ଶିଶୁ ଓ କିଶୋର ପତ୍ରିକା 'ନୂଆ ଅଙ୍କୁର' ଏବଂ ପଣ୍ଡିତ ଷଷ୍ଠୀଚରଣ ନନ୍ଦଙ୍କ ରଚିତ 'ଭାଗବତ ସ୍ତୁତି ମଞ୍ଜରୀ' ପୁସ୍ତକକୁ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ନୃତ୍ୟ, ସଙ୍ଗୀତ, ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନ, ଚିତ୍ରାଙ୍କନ ଓ ଦଳଗତ ନୃତ୍ୟ ଆଦି ବିଭିନ୍ନ ପର୍ଯ୍ୟାୟର ପ୍ରତିଯୋଗିତାରେ ଗୋରାଗାଲ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା କୃତି ପ୍ରତିଯୋଗୀଙ୍କୁ ଯୋଗାଡା ପତ୍ର, ଟ୍ରଫି ଦେଇ ପୁରସ୍କୃତ କରା ଯାଇଥିଲା । ସଭା ପ୍ରାରମ୍ଭରେ ଦିଙ୍ଗତ ଡ. ପାତ୍ରଙ୍କ ଆତ୍ମା ପଟଚିତ୍ରପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିବା ସହିତ ଗୋଟିଏ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଫାଉଣ୍ଡେସନର ପରିଚାଳନା ସମ୍ପାଦକ ଡ. ଶ୍ରୀକୁମାର ଘୋଷ ମଂଚ ଆହ୍ୱାନ ସହିତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ ଏବଂ ମୁଖ୍ୟ ତୃଷ୍ଣି ତଥା ଡ. ପାତ୍ରଙ୍କ ସୁପୁତ୍ର ଦେବାଶିଷ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଦୁଇଦିନ ବ୍ୟାପୀ ସମଗ୍ର କାର୍ଯ୍ୟକ୍ରମକୁ ମଧୁସୂଦନ ମଣ୍ଡଳ, ବନ୍ଦନ କୁମାର ଦାସ, ବିପିନ କର, ମନେଶ୍ୱର ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ ।

13001/2483/2627

ପୌର ପରିଷଦ କାର୍ଯ୍ୟାଳୟ, ବାଲେଶ୍ୱର

OFFICE OF THE MUNICIPAL COUNCIL, BALESHWAR.

Tel & Fax No. 06782-251222

E-mail:- balasoremunicipality@rediffmail.com

No. 8570 Date 17-11-2026

1st Corrigendum to 'Tender call notice no. 8352 dated 11/11/2026'

Corrigendum to the Detailed Tender Call Notice (DTCN) for "Procurement, Supply, Fridge for Baleshwar Municipality".
Ref: DTCN issued vide Memo No. 8352 dated 11/11/2026.

In inviting reference to the DTCN cited above, it is hereby informed to all intending bidders that the technical specification mentioned at Sl. No. 2 - Suitable Vehicle, under the vehicle specification section of the DTCN (Page No. 7), is hereby modified as follows:

Sl. No.	Particulars	Existing Specification	Revised Specification
2	Suitable Vehicle CVW	4500 Kgs Minimum	2990 Kgs Minimum
	Engine output Torque	- 300 NM	74kw 100hp@3750 rpm 250 NM

Accordingly, the Gross Vehicle Weight (GVW) requirement for the suitable branded vehicle shall be read as 2990 Kgs Minimum in place of 4500 Kgs Minimum.
All other terms and conditions, eligibility criteria, technical specifications and provisions of the original DTCN shall remain unchanged.
This corrigendum shall be treated as an integral part of the original DTCN and shall be binding on all intending bidders.
This is issued with the approval of the competent authority.
All other terms & conditions will remain unchanged.

EXECUTIVE OFFICER
BALESHWAR MUNICIPALITY

OIPR - 13001/13154/1/26-27/0034

ସର୍ବଭାରତୀୟ ଇଂଟର ୟୁନିଭରସିଟି କବାଡି ଟୁର୍ଣ୍ଣାମେଂଟରେ ଭୋଗରାଇରୁ ୨ ଛାତ୍ର ମନୋନୀତ



ଭୋଗରାଇ, ୧୭/୧୧ (ଆ.ପ୍ର) : ଉତ୍କଳ ପ୍ରଦେଶରେ ଚଳିତ ମାସ ୧୮ ରୁ ୨୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ସର୍ବଭାରତୀୟ ଇଂଟର ୟୁନିଭରସିଟି କବାଡି ଟୁର୍ଣ୍ଣାମେଂଟରେ ଫକୀରମୋହନ ୟୁନିଭରସିଟି ଜୋନସ୍ତୁ ଗ୍ରାମ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନରୁ ପ୍ରଥମ ବର୍ଷର ଛାତ୍ର ରାମକୃଷ୍ଣ ସେଠୀ ଓ ଭାଇଶ୍ୟାମ ପ୍ରଧାନ ମନୋନୀତ ହୋଇଛନ୍ତି । ଫକୀରମୋହନ ୟୁନିଭରସିଟି ଜୋନର ୧୨ ଜଣ ଛାତ୍ରଙ୍କ ମଧ୍ୟରୁ ଗ୍ରାମ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନର ଦୁଇଜଣ ଛାତ୍ର ଏହି କବାଡି ଟୁର୍ଣ୍ଣାମେଂଟରେ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇ ଥିବାରୁ ଉଭୟ ଛାତ୍ରଙ୍କୁ ଜଜେକ ଓ ଛାତ୍ର ଛାତ୍ରୀଙ୍କ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି । ୨ ଛାତ୍ର ସୋମବାର ଫକୀରମୋହନ ୟୁନିଭରସିଟି ଜୋନ ଟିମରେ ଯୋଗ ଦେବ ଚଳିତ ମାସ ୧୮ରୁ ୨୧ ତାରିଖ ସାଏ ସର୍ବ ଭାରତୀୟ ଇଂଟର ୟୁନିଭରସିଟି କବାଡି ଟୁର୍ଣ୍ଣାମେଂଟରେ ଖେଳିବେ ।

ବ୍ରାଉନସୁଗାର ଜବତ, ୨ ଗିରଫ



ବାଲେଶ୍ୱର, ୧୭/୧୧ (ଆ.ପ୍ର) : ବାଲେଶ୍ୱର ସହରରେ ବ୍ରାଉନସୁଗାର କାରବାର ଚିରାଏତ ହୋଇଯିବାକୁ ମିଳିଛି ତଦ୍ ସମ୍ପର୍କରେ । ଗୋଟାଇଗାଁ ଅଂଚଳର ଏକ ଘରେ ତଦ୍ଘାଶ କରି ଗାଜଲ ଥିବା ଫୋଲିସ ୧୦ ଜଣେ ୨୩୩୩ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ଜଣେ ପୁରୁଷ ଓ ଜଣେ ମହିଳାକୁ ଗିରଫ କରିଛି । ଫୋଲିସ ସୂତ୍ରରୁ ଜଣାପଡ଼ିଛି ଯେ, ଗତ ୧୬ ତାରିଖ ରାତି ୧୧ଟା ୪୯ ମିନିଟ ସମୟରେ ବିଶ୍ୱସ୍ତ ସୂତ୍ରରୁ ସରକାର ପାଇ ଗୋପାଳଗାଁ ଅଂଚଳରେ ଫୋଲିସ ଚଢ଼ାଉ କରିଥିଲା । ଅଭିଯୁକ୍ତମାନେ ବ୍ରାଉନସୁଗାର ମଜୁତ ରଖି ବିକ୍ରି, ପରିବହନ ଓ ବଂଟନ କରୁଥିବା ନେଇ ସୂଚନା ମିଳିଥିଲା । ଚଢ଼ାଉ ସମୟରେ ଫୋଲିସ ଦୁଇ ଜଣଙ୍କୁ ଧରିବାରେ ସଫଳ ହୋଇଥିଲା । ଗିରଫ ଦୁଇ ଅଭିଯୁକ୍ତ ହେଲେ ସହରତେଣ୍ଡୁଟା ଥାନା ଅନ୍ତର୍ଗତ ଆଡ଼ାଡାଙ୍ଗାର ଗ୍ରାମର ଏସ୍.କେ. ଅସରାର ଓ ୩୭ ବର୍ଷୀୟା ଜମିଲା ବିବି । ଉଭୟେ ବର୍ତ୍ତମାନ ଗୋପାଳଗାଁ ଅଂଚଳରେ ରହୁଥିବା ଫୋଲିସ ପ୍ରେସ୍ ନୋଟ୍‌ରେ ଉଲ୍ଲେଖ ରହିଛି । ଚଢ଼ାଉ ସମୟରେ ୧ କେଜି ୯୧୩ ଗ୍ରାମ କଂଚା ବ୍ରାଉନସୁଗାର ଓ ୮ କେଜି ୩୨୦ ଗ୍ରାମ ଶୁଖି ବ୍ରାଉନସୁଗାର ଜବତ ହୋଇଛି । ଏହା ସହିତ ୪ ଲକ୍ଷ ୬୨ ହଜାର ୭୯୦ ଟଙ୍କା ନଗଦ ଅର୍ଥ, ୧୧ଟି ବିଭିନ୍ନ ବ୍ୟାଙ୍କ ଓ ପରିଚୟପତ୍ର ସମ୍ବନ୍ଧୀୟ କାର୍ଡ, ଗୋଟିଏ ମୋଟରସାଇକେଲ, ଗୋଟିଏ ସ୍ମାର୍ଟ, ୬ଟି ମୋବାଇଲ ଫୋନ୍, ୯୯ ପ୍ରତିଶତ ଶୁଦ୍ଧତାର ୬ଟି ଦୋଳର ଡୁଫିନ୍ ଆନାରାଇଡ୍ସ ଏବଂ ଦୁଇଟି ଇଲେକ୍ଟ୍ରୋନିକ୍ ଓଜନ ମେସିନ୍ ଜବତ କରାଯାଇଛି । ଏହି ଘଟଣାରେ ଗତକ୍ତ ଥାନା କେସ୍ ନମ୍ବର ୩୮୮/୨୦୨୬ ଗୁରୁ କରାଯାଇ ଉତ୍ତକ୍ତ ଆଇନର ଧାରା ୨୧(ବି) ଏବଂ ଉତ୍ତଟ ଧାରା ୨୨୬, ୨୨୭ ଓ ୩(୫) ଅନୁଯାୟୀ ଆଇନଗତ କାର୍ଯ୍ୟାନୁଷ୍ଠାନ ହୋଇଛି । ଘଟଣାର ଅଧିକ ତଦନ୍ତ ଜାରି ରହିଛି ।

ଓଡିଶା ମେଡିକାଲ ରିପ୍ରେଜେଂଟେଟିଭସ ୟୁନିୟନର ୨୪ ତମ ବାର୍ଷିକ ସମ୍ମିଳନୀ



ନୀଳଗିରି, ୧୭/୧୧ (ଆ.ପ୍ର) : ବାଲେଶ୍ୱର କେମିଷ୍ଟ ଏଂ ଡ୍ରଗିଷ୍ଟ ଆସୋସିଏସନ ଭବନରେ ଓଡିଶା ସେଲସ ରିପ୍ରେଜେଂଟେଟିଭସ ୟୁନିୟନ ବାଲେଶ୍ୱର ଶାଖାର ୨୪ତମ ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହେବା ସହିତ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏସଏଆରଯୁ, ବାଲେଶ୍ୱର ଜିଲ୍ଲା ସଭାପତି ନୀଳମଣି ଦାଶିତଂକ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀକୁ ପୂର୍ବତନ ବିଧାୟକ ତଥା ଟ୍ରେଡ ୟୁନିୟନ କୋଅର୍ଡିନେସନ କମିଟି ସଭାପତି ପ୍ରତୀପ୍ତ ପଣ୍ଡା ଉଦଘାଟନ କରିଥିଲେ । ସିଆଇଟିୟୁର ଜିଲ୍ଲା ସଭାପତି ରାଜକିଶୋର ଲେଂଜା, ସଂପାଦକ ବିଜୟ କୁମାର ପାତ୍ର ପ୍ରାରମ୍ଭିକ ବକ୍ତବ୍ୟରେ ସଂଗଠନର ଆଜିି ମୁଖ୍ୟ, କେନ୍ଦ୍ର ଓ ରାଜ୍ୟସରକାରଙ୍କର ଶ୍ରମଜୀବୀ ସ୍ୱାର୍ଥବିରୋଧୀ ନୀତିର ତୀବ୍ର ସମାଲୋଚନା କରିଥିଲେ । ରାଜ୍ୟ ସଂପାଦକ ସଂଗ୍ରାମ କେଶରୀ ମଲ୍ଲିକ, ଅରୁଣ କୁମାର ମିଶ୍ର, ଓଏସ ଆର ୟୁର ଜିଲ୍ଲା ସଂପାଦକ, ତପନ କୁମାର ମିଶ୍ର,କୋଷାଧ୍ୟକ୍ଷ ଏସ ପି ମହାନ୍ତି ରାଜ୍ୟ ସଭାପତି ମହେନ୍ଦ୍ର କୁମାର ସାହୁ ତାଂକ ବକ୍ତବ୍ୟରେ ସଂଗଠନକୁ ଶକ୍ତିଶାଳୀ କରିବା ପାଇଁ ସମସ୍ତଙ୍କର ସହଯୋଗ ଲୋଡିବା ସହିତ ସାଂପ୍ରତିକ ସମୟରେ ଏହାର ପ୍ରାସଂଗିକତା ସଂପର୍କରେ ମତ ରଖିଥିଲେ । ଶେଷରେ ରାଜ୍ୟ ସଂପାଦକ ସଂଗ୍ରାମ କୁମାର ମଲିକ ନୂତନ ୧୫ ଜଣିଆ ପ୍ରସ୍ତାବିତ କମିଟି ସଦସ୍ୟମାନଂକର ନାମ ଘୋଷଣା କରିବା ପରେ ସର୍ବସମ୍ମତି କ୍ରମେ ଏହା ଅନୁମୋଦିତ ହୋଇଥିଲା । ଜିଲ୍ଲା କର୍ମକର୍ତା ନିର୍ବାଚନରେ ଜିଲ୍ଲା ସଭାପତି ବରୁଣ କୁମାର ରଣା, ଉପ ସଭାପତି ରାଜେଶ କୁମାର ପରିଡା, ସଂପାଦକ ତପନ କୁମାର ବେହେରା, କୋଷାଧ୍ୟକ୍ଷ ଭାବେ ଶୈଳେନ୍ଦ୍ର ପ୍ରସାଦ ମହାନ୍ତି ନିର୍ବାଚିତ ହୋଇଥିଲେ । ଜିଲ୍ଲା ସଭାପତି ନୀଳମଣି ଦାଶିତ ଧନ୍ୟବାଦ ଦେଇଥିଲେ ।

ଫକୀର ମୋହନ ପୁରାତନ ଛାତ୍ର ସଂସଦ, ଆପୋଲୋ ହସ୍ପିଟାଲ ଓ ଅମୃତଧାରାର ମିଳିତ ଉଦ୍ୟମରେ ଶତାଧିକ ବରିଷ୍ଠ ନାଗରିକଙ୍କୁ ମାଗଣା ସ୍ୱାସ୍ଥ୍ୟସେବା



ବାଲେଶ୍ୱର, ୧୭/୧୧ (ଆ.ପ୍ର) : ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଓ ସଚେତନତାକୁ ଗୁରୁତ୍ୱ ଦେଇ ଫକୀର ମୋହନ କଲେଜ ପୁରାତନ ଛାତ୍ର ସଂସଦ, ଭୁବନେଶ୍ୱରସ୍ଥିତ ଆପୋଲୋ ହସ୍ପିଟାଲ ଏବଂ ଅମୃତଧାରା ବୃଦ୍ଧାଶ୍ରମର ମିଳିତ ସହଯୋଗରେ ମଙ୍ଗଳବାର ଏକ ମାଗଣା ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା । ସହଦେବଖୁଂଟାସ୍ଥିତ ଚାନ୍ଦମାରୀ ପଡ଼ିଆ ନିକଟସ୍ଥ ଅମୃତଧାରା ବୃଦ୍ଧାଶ୍ରମ ପରିସରରେ ଅନୁଷ୍ଠିତ ଏହି ଶିବିରରେ ଶତାଧିକ ବରିଷ୍ଠ ନାଗରିକ ଯୋଗଦେଇ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶ ଗ୍ରହଣ କରିଥିଲେ । ଶିବିରରେ ଡାକ୍ତର ଘନଶ୍ୟାମ ପରୀକ୍ଷା (ବିଏମ୍‌ଡି), ମଧୁମେହ, ହୃଦ୍‌ରୋଗ, ରକ୍ତଚାପ ଜନିତ ସମସ୍ୟା ଓ ଚକ୍ଷୁ ପରୀକ୍ଷା ଭଳି ବିଭିନ୍ନ ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଯାଇଥିଲା । ଅଭିଜ୍ଞ ଡାକ୍ତରମାନେ ଆବଶ୍ୟକୀୟ ଚିକିତ୍ସା ପରାମର୍ଶ ଦେଇଥିବାବେଳେ ପାରାମେଡିକାଲ୍ କର୍ମଚାରୀମାନେ ସେବା କାର୍ଯ୍ୟରେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସଂସଦର ସଭାପତି ଡାକ୍ତର ପ୍ରଭାତ ଚନ୍ଦ୍ର ଚୌଧୁରୀ ସ୍ୱାସ୍ଥ୍ୟ ପରୀକ୍ଷାର ଉଦ୍ଦେଶ୍ୟ ଓ ଗୁରୁତ୍ୱ ସମ୍ପର୍କରେ ମତ ରଖିଥିଲେ । ସାଧାରଣ ସମ୍ପାଦକ ଡକ୍ଟର ରାଧାରଞ୍ଜନ ପଟ୍ଟନାୟକ କହିଥିଲେ ଯେ, ଜୀବନର ଅପରାହ୍ନରେ ବରିଷ୍ଠ ନାଗରିକଙ୍କ ପ୍ରତି କରୁଣା, ସ୍ନେହ ଓ ଯତ୍ନ ହିଁ ସେମାନଙ୍କ ଜୀବନରେ ନୂତନ ଆଶା ସଂଚ

ଶ୍ରୀକ୍ଷେତ୍ର
ଆରମ୍ଭ
SEITHO ARAMBHA
ବୁଧବାର ୧୮ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ



ସମ୍ପାଦକୀୟ...

ଖର ଉତୁରିଲେ

ଖର ଉତୁରିଲେ ବୁରିରେ ପଶେ, ମଣିଷ ଉତୁରିଲେ ଗାତରେ ପଶେ' । ଉତୁରୁଥିବା ଖର ତ ବୁରିରେ ପଶିବା ଏକ ବାଧ୍ୟ ପରିଣତି । ମାତ୍ର ଉତୁରା ମଣିଷ ଆହୁରି ଭୟାବହ ଭୋଗ କରେ । ଭୁଲରେ ଶବ ସତ୍କାର ସ୍ଥାନ ତ ଡାକୁ ମିଳିନଥାଏ । ଯୋଉ ଯାଇଥାଏ କି ମାଡିରେ ମିଶେ, କି କୁକୁର ବିଲୁଆ ଓ ଶାଗୁଣାଙ୍କ ଖାଦ୍ୟ ହୋଇଥାଏ । ଛେଡ଼େ ଛେଡ଼େ ପରାକ୍ରମଶାଳୀଙ୍କ ଏ ଅବସ୍ଥା ନ ହୋଇଛି ? ରାବଣ, କଂସ, ହିରଣ୍ୟକଶିପୁ ଓ ଚୌରାଚ ଶତେରାଙ୍କ କଥା ଦେଖୁନା ! କୋଡ଼ିଏ ହାତ, ଦଶ ମୁଣ୍ଡର ମଣିଷଟାଏ । ଡେର ପଣ୍ଡିତ ବି । ବିଶ୍ରବା ଋଷିଙ୍କ ପୁଅ । ପାଣ୍ଡିତ୍ୟପୂର୍ଣ୍ଣ ଶିବତାଣ୍ଡବ ସ୍ତୋତ୍ରର ରଚୟିତା । ସବୁ ଫୁରୁର ନିର୍ଯ୍ୟାସ ବା ଅର୍ଜକାଡ଼ି ଔଷଧ ତିଆରି କରିବାର ବିଡ଼ିନ୍ ଆୟୁର୍ବେଦ ବିଜିସାର, ଏତେ ବି ବିଗୁଡ଼ର୍ଣ୍ଣାର ହୋଇଥିବା 'ଅର୍କ ପାପିଲା' ପୁସ୍ତକର ରଚୟିତା ବି ସେ । ଶିବଙ୍କର ପରମ ଭକ୍ତ । ଶ୍ରୀଲଙ୍କାସ୍ଥ ପ୍ରତିବିନ ସେ ହିମାଳୟସ୍ଥ ଶିବ ମନ୍ଦିର ଦର୍ଶନ ପାଇଁ ସ୍ୱର୍ଗକୁ ସ୍ୱୀୟ ପୁଷ୍ପାରେ ଆଣିଥିବା ପୁଷ୍ପକ ବିମାନରେ ଯାଉଥିଲେ । ସେ ବିମାନର ଚାଳକ (ପାଇଲଟ) ନ ଥିଲେ କି ଅଧା ବାଟରେ ଗା ଡେଇ ସରି ଯାଉନଥିଲା । ଦୁର୍ଘଟଣାର ପ୍ରଶ୍ନ ଜାଇଁ ? ଯେ ଥିଲା ଭାରତୀୟ ବୈଜ୍ଞାନିକ ଜଜା କୌଶଳର ଏକ ନିଦର୍ଶନ । ଜାଇଁ ସେମିତି ବୈମାନ୍ୟାଯାନ ଏ ବିଜ୍ଞାନୀ ପଣ୍ଡିତ ଲୋଭ କଲେନି ? ଏ ବିମାନରେ ବସିବା ପୂର୍ବରୁ ଜୀବନବୀମା ନବୀକରଣ କଥା ଲୋଭେ ଭାବୁଛନ୍ତି । ଉଆପି ମଧ୍ୟ ରାବଣଙ୍କ ଦୟନୀୟ ମୃତ୍ୟୁ ହେଲା ନା ନାଇଁ ମ? ଶିବଙ୍କର ଏତେ ଭକ୍ତ, ସେ କୁ ତାକୁ ରକ୍ଷା ପାରିଲେ ? ଓଲଟି ରାବଣଙ୍କ ଔଦ୍ଧତ୍ୟରେ ବିକ୍ଷୁବ୍ଧ ହୋଇ, ତାଙ୍କ ଆଶୀର୍ବାଦ ଓ ବାଜର ଅପରାଜିତାବର ଓ ବିଶ୍ୱାସଘାତକତା ଓ କୁତଘ୍ନତା ହେତୁ ତାକୁ ମାରିବାକୁ ଶ୍ରୀ ହନୁମାନ ରୂପ ପରିଗ୍ରହ କଲେ । ତୁଳସୀ ଦାସ ତ ଲେଖିଛନ୍ତେ ''ଶଙ୍କର ସୁବନ କେଶରୀନନ୍ଦନ, ତେଜ ପ୍ରତାପ ମହାଜଗ ବନ୍ଦନ...''ରାବଣ, ଲୌରବ ଓ ବଡି ବିଷୟରେ ଆଉ ବି କୁହାଯାଇଛି, ''ଅତିବଡ଼ସେ ହତା ଲଙ୍କା ଅତିମାନେ ଚ କୌରବୀଶ ଅତିବାନେ ବଜିର୍ବଧଃ ସର୍ବମତ୍ୟାଙ୍ଗ ଗର୍ହିତମ୍''। ଔଷଦ୍ୟ, ହିଂସାର ପରିଣତି ସବୁଜାଜେ ଉତୁରା ଖର ଅବସ୍ଥାର ଉତ୍ତାହରଣ ଏ ଆର୍ଯ୍ୟ ସଂସ୍କୃତି ଓ ସଂସ୍କାରରେ ଖୁବି ଭୋର ରହିଛି । ଆଜିର ଗରିଆ ଯୁବ, ଛାୟା ଯୁଦ୍ଧ, ବିଶ୍ୱାସଘାତକତା ଓ ବିଶ୍ୱର ବାଜିଆ ପରିଆର ଏକ ଉତ୍ତାହରଣ । ଏଥି ଜଣେ ଶତ୍ରୁର ଦୁର୍ବଳତା ଖୋଜେ, ଦୁର୍ବଳ ମୁହୂର୍ତ୍ତକୁ ଅପେକ୍ଷା କରିଥାଏ । ''ନଇଁ ପଡ଼ିଥିବା ବେଳେ, ବିଧାୟ ମାରିବ ବଜେ'' । ଏ ଗୁଡ଼ାକୁ ଜାଗୁପୁଣ୍ଡ, ବାଜାଆଁ କୁହାଯାଏ । ସେଇଥି ପାଇଁ ଯୁଦ୍ଧ ?ସେତ୍ରରେ ଯଦି ଶତ୍ରୁପକ୍ଷର କେହି ନିରସ୍ତ୍ର ହୋଇଗଲା, ତେବେ ତାକୁ ଅସ୍ତ୍ର ନ ମିଳିବା ଯାଏ, ତା' ଉପରକୁ ଅସ୍ତ୍ର ବର୍ଷଣ ଜାଯୁଦ୍ଧସ୍ତରା ଓ ଯୁଦ୍ଧ ନିୟମ ବହିର୍ଭୂତ ଥିଲା । ଅଭିମାପରେ ଗଥରେ ବଡିଯିବାର ସୁଯୋଗରେ ଅର୍ଜୁନ ଶର ପ୍ରହାର ନ କରିଥିଲେ କର୍ଣ୍ଣକୁ ମାରିବା ସମ୍ଭବ ହୋଇ ନଥାନ୍ତା । ବାର ଚାକଟର୍ରେ ସିନା ଲାଗିଲା, ମାତ୍ର ''ଆପେ ଜଂଟିଲେ ବାପର ନାଁ'' ଧ୍ୱନିକୁ ଆପେଣେଇଲେ । ଭୀଷ୍ମ ପିତାମାହଙ୍କ ଅବସ୍ଥା ବି ସେଇଆ । ଶିଖଣ୍ଡୀକୁ ତାଙ୍କ ଜଖୁଣ୍ଡକୁ ପଠାର, ତାଙ୍କୁ ତାଙ୍କ ପ୍ରତିଜ୍ଞା ଅନୁଯାୟୀ ନିରସ୍ତ୍ର କରାଗଲା ଓ ତା'ରି ପୁଯୋଗ ଏ ଅର୍ଜୁନ ନେଇଲେ । ଏକୁ ପୁରାଣର ଲାଞ୍ଛନିକ କଥା ଜହି ତମେ ଉତ୍ତେଜ ବଢାର । ଆରେ, ତମ ଇତିହାସକୁ ଦେଖୁଶୁନା ! ପ୍ରବଳ ପରାକ୍ରମଶାଳୀ, ବୃଷ ସାମ୍ରାଜ୍ୟର ପ୍ରତାପୀ ସମ୍ରାଟ ଓ ପୃଥ୍ୱୀରାଜ ସବୁପରୁ ଧନୀ ସମ୍ରାଟ ଜାରଙ୍କ ମୃତ୍ୟୁ କେତ୍ରେ ଦୟନୀୟ ଦେଖୁନା ! ଆରେ ନିଜ ଜୀବନକୁ ବିପନ୍ନ କରି ସାହାଯ୍ୟ କରିବା, ଦାନ ଦେବା ହିଁ ପ୍ରକୃତ ସାହାଯ୍ୟ ଓ ଦାନ ।

ହବିଷ୍ୟ ପାଳନ

॥ ଉତ୍କଳାନନ୍ଦ ଅଜୟ କୁମାର ବେହେରା ॥

ଆଷାଢ଼, କାର୍ତ୍ତିକ, ମାଘ ଓ ବୈଶାଖ - ଏଇ ଚାରିମାସ ହେଉଛି ସୂର୍ଯ୍ୟାଙ୍କର ଅୟନାନ୍ତ କାଳ । ସମ୍ବତଃ ଏହି ଅୟନାନ୍ତ ବିବସ ମାନଙ୍କରେ ସୌରତଙ୍କ ଉପାସନା କରାଯାଇଥାଏ । ପୌରାଣିକ ଅନୁଧ୍ୟାନରୁ ଏହି ଚାରିମାସ ଧର୍ମ ବୃଦ୍ଧିରୁ ଶୁକ୍ଲପ୍ରତ ଏବଂ ଦେବଦେବୀଙ୍କ ଉପାସନା ସକାଶେ ଅତ୍ୟନ୍ତ ଅନୁକୂଳ । କୁମାର ପୂର୍ଣ୍ଣମୀ ପରଦିନ ଠାରୁ ଆରମ୍ଭ ହୁଏ କାର୍ତ୍ତିକ ମାସ । ଏହି ଦିନଠାରୁ ହବିଷ୍ୟାନ୍ନମାନେ ହବିଷ୍ୟ କରନ୍ତି । ସଧବା ଓ ବିଧବା ଉଭୟ ହବିଷ୍ୟ କରନ୍ତି । ହେରେ ବିଧବା ମାନଙ୍କୁ ହବିଷ୍ୟ କରିବାର ଅଧିକ ଦେଖାଯାଏ ।

ବ୍ରାହ୍ମଣ କାର୍ତ୍ତିକ ମାସର ଆରମ୍ଭରେ ହବିଷ୍ୟାଳି ମାନଙ୍କୁ ସଂକଳ୍ପ କରନ୍ତି । ସଂକଳ୍ପ ପରେ ବ୍ରାହ୍ମଣଙ୍କୁ ହବିଷ୍ୟାନ୍ନମାନେ ଦାନ (ଧୋତି) ଦିଅନ୍ତି । ବିଧବା ହବିଷ୍ୟାଳିମାନେ ବ୍ରାହ୍ମଣଙ୍କୁ ସଂଚା ଆଳାଗରେ ଲୁଗା (ଧୋତି), ପନିପରିରା, ଚାଉଳ ଓ ଦକ୍ଷିଣା ଦେଇଥାନ୍ତି । ହେରେ ସଧବା ହବିଷ୍ୟାଳିମାନେ ବ୍ରାହ୍ମଣଙ୍କୁ ସଂଚା ଆଳାଗରେ ଧୋତି, ଶାଢ଼ୀ, ବୁଡ଼ି, ସିନ୍ଦୁର, ଅଳତା, ପନିପରିରା, ଚାଉଳ ଓ ଦକ୍ଷିଣା ଦେଇଥାନ୍ତି । ସଂକଳ୍ପ ସମୟରେ ବ୍ରାହ୍ମଣ ହବିଷ୍ୟାଳୀଙ୍କୁ ଗୋଟେ କୁଶତରୁ ଦିଅନ୍ତି । ଉକ୍ତ କୁଶତରୁ ହବିଷ୍ୟାଳିମାନେ ପୂଜା ସମୟରେ ପିନ୍ଧି ଠାକୁରଙ୍କୁ ପୂଜା କରନ୍ତି । ପୂଜା ପରେ ଏହାକୁ ଖସୁରା ଠାକୁରଙ୍କ ପାଖରେ ରଖି ଦିଅନ୍ତି ।

ହବିଷ୍ୟାଳିମାନେ ରାତି ୪ଟାରୁ ଉଠି ଯୋଗୁଳା ହେଲ କି ନାଳ କିମ୍ବା ନଦୀ କୂଳକୁ ଯାଇ ଗାଧାନ୍ତି । ପୂର୍ବରୁ ସେଠାରେ ଚଉରୀ ତରଲା ତିଆରି କରିଥାନ୍ତି । ଚଉରାମୂଳେ ବାଲୁଙ୍ଗାରେ ରାଇଦାମୋଦରଙ୍କର ମୂର୍ତ୍ତି ଜଉ ପୂଜା କରନ୍ତି । ମୁଗୁଜରେ ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥଙ୍କ ଚିତ୍ର କରାଯାଏ । ଏହା ସହିତ ବଟ ପିପ୍ପଳୀ ଗଛ, ତୁଳସୀ ଗଛ ସହ ଅନ୍ୟ ଦେବଦେବୀଙ୍କ ମଧ୍ୟ ଚିତ୍ର ଅଙ୍କା ଯାଏ । ଯିଏ ଯେତେ ଠାକୁରଙ୍କ ଚିତ୍ର ଆଙ୍କି ପାରିବେ । ହବିଷ୍ୟାଳୀମାନେ ସବୁ ଦେବଦେବୀଙ୍କୁ ଭୋଗ ଲଗାଇବା ସହ ପୂଜା କରିଥାନ୍ତି । ତିନିନୁ ନଳ ମୂଳରେ ପୂଜା କରନ୍ତି ।

ରାଇଦାମୋଦରଙ୍କ ଗାତ ଗାତ ପୂଜା ଶେଷ କରନ୍ତି । ସୂର୍ଯ୍ୟାଙ୍କୁ ପାଣି ଚେଳିବା ପରେ ସେଠାରୁ ଫେରି ଘର ତରଲା ମୂଳେ ପୂଜା କରନ୍ତି । ନଡ଼ିଆ ଓ ତୁଳସି ଗୁଣା ରାଇଦାମୋଦର ନାମରେ ତରରାରେ ବସାଇ ପୂଜା କରନ୍ତି । ସେଠାରେ ମଧ୍ୟ ଗୁରୁର ପଳାନ୍ତି । ଏଥାପରେ ଦିନସାରା ଉପାସ କରନ୍ତି । ସୂର୍ଯ୍ୟାସ୍ତ ପୂର୍ବରୁ ଅରେ ଭୋଜନ କରନ୍ତି । ଉକ୍ତ ଭୋଜନ ନିଜେ ହବିଷ୍ୟାନ୍ନ ପ୍ରସ୍ତୁତ କରିଥାନ୍ତି । ଯିଏ ହବିଷ୍ୟାନ୍ନଙ୍କ ପରି ନିଷ୍ଠାର ସହ ଉପାସ ରହିଥିବ, ସେ ମଧ୍ୟ ହବିଷ୍ୟାନ୍ନଙ୍କ ପାଇଁ ଗୋଷ୍ପେଇ କରିପାରିବେ ।

ହବିଷ୍ୟାନ୍ନମାନେ କେବଳ ଅରୁଆ ଅନ୍ନ ଓ ସାଗୁ, କଦଳୀ, ଇନ୍ଦୁମଳ, ଓଲ, ମାଟିଆଳୁ ଏବଂ ପୁରାତାଲି ପତ୍ରି ହୋଇଥିବା ଡାଲମା ଖାଆନ୍ତି । ଜାଲମାରେ କଦଳୀ କିମ୍ବା ଫୁଟଲ ପତ୍ରେ ନାହିଁ । ଏଥାସହ ଅଗସି ଖାର ମଧ୍ୟ ଖାଇପାରିବେ । ଏହାବ୍ୟତୀତ ଅନ୍ୟ କିଛି ପରିବା କି ଖାଦ୍ୟ ଖାଆନ୍ତି ନାହିଁ । ମାସ ସାରା ହବିଷ୍ୟାନ୍ନମାନଙ୍କୁ ନିଷ୍ଠାର ସହିତ ରହିବାକୁ ପଡ଼େ । ଏହି ସମୟରେ ଜପ ହେଉଛି ମୁଖ୍ୟ । ସଂକଳ୍ପ ସମୟରେ ହବିଷ୍ୟାନ୍ନମାନେ ଦିନକୁ ତିନିଥର କି ଚାରିଥର ଯେତେ ଥର ଜପ କରିବା ପାଇଁ ସଂକଳ୍ପ କରିଥାନ୍ତି, ସେତେଥର କୃଷ୍ଣ, ରାମ କିମ୍ବା ରାଇଦାମୋଦରଙ୍କ ନାମରେ ମାନା ଧରି ପୂଜା ସ୍ତ୍ରନପରେ ଜପ କରିଥାନ୍ତି । ମାସ ଯାକ ବ୍ରାହ୍ମଣମାନେ କାର୍ତ୍ତିକ ମାହାତ୍ମ୍ୟ ଗୀତା ଅଧ୍ୟାୟ ପଢ଼ନ୍ତି । ଏହାକୁ ହବିଷ୍ୟାନ୍ନମାନେ ଶୁଣନ୍ତି । କାର୍ତ୍ତିକ ପୂର୍ଣ୍ଣିମା ଦିନ ଏହି ମାହାତ୍ମ୍ୟ ୩୩ ଅଧ୍ୟାୟ ଶେଷ ହୋଇଥାଏ । ହବିଷ୍ୟ ମାତି ଜାଣ୍ଡିରେ ଦିଆରି ଜେରାଇବା କାର୍ତ୍ତିକ ମାସରେ ପରୁଥିବା ପ୍ରଥମ ଦଶମୀ ଯାଏ ତିଆରି ହୁଏ । ଏକାଦଶୀ ଦିନ ହବିଷ୍ୟାନ୍ନୀ ଉପାସ ରହନ୍ତି । କୃଷ୍ଣପକ୍ଷ ଦ୍ୱାଦଶୀ ଠାରୁ ପୂଥା ଜାଣ୍ଡିରେ ଗୋଷ୍ପେର ହୁଏ । ଏଇା ଅଁଳା ନବମୀ ଓ ଦଶମୀ ପର୍ଯ୍ୟନ୍ତ ଚାଲେ । ଏଥାପରେ ପୁନଃ ଜାଣ୍ଡି, ନଡ଼ିଆ ଓ ଗୁଣା ପରିବର୍ତ୍ତନ କରାଯାଏ । ସେ ଦିନ ପର୍ଯ୍ୟନ୍ତ ରାଇଦାମୋଦର ନାମରେ ପୂଜା ହୋଇଥାଏ । ଅଁଳା ନବମୀ ଓ ଦଶମୀ ପରଠାରୁ ଲକ୍ଷ୍ମୀ ନାରାୟଣଙ୍କ ନାମରେ ଗୁଣା ଓ ନଡ଼ିଆ ବସି ପୂଜା କରାଯାଏ । ସନ୍ଧ୍ୟାକ ଓ ସନ୍ଧ୍ୟାରେ ନିଷ୍ଠାର ସହିତ ପୂଜା କରାଯାଏ । ଦୀପଦାନ କାର୍ତ୍ତିକ ବ୍ରତର ଏକ ମୁଖ୍ୟ ଅଂଶ । ସଂଧ୍ୟା ସମୟରେ ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ଦୀପଦାନ କରାଯାଏ । ବିଶେଷ କରାରେ କାର୍ତ୍ତିକ ମାସ ଯାକ ନିଷ୍ଠାରେ ରହି ଠାକୁରଙ୍କ ନାମ ଜପ ତ ଠାକୁରଙ୍କ ପାଖରେ ଧ୍ୟାନ ଉଖାଯାଏ । ଏଥରି ହବିଷ୍ୟ ଜରିବା ଦ୍ୱାରା ଭଗବାନ ସନ୍ତୁଷ୍ଟ ହୁଅନ୍ତି ଓ ପୂଣ୍ୟ ଅର୍ଜନ ହୁଏ ବୋଲି ବିଶ୍ୱାସ ରହିଛି ।

ସମ୍ପାଦକ 'ନିଯତି' ଅନୁଶୋଦୟ ନଗର, ଜଟକ, ଦୂରଭାଷ : ୯୪୩୭୧୦୩୧୨୩

ଭଗବାନଙ୍କ ନିକଟକୁ ଯିବାର ତ୍ରିବିଧ ପଥ : କର୍ମ, ଭକ୍ତି ଓ ଜ୍ଞାନ ଯୋଗ

॥ ଡ. ଅଶୋକ କୁମାର ହୋତା ॥

ଏହି ଧରାପୃଷ୍ଠରେ ଯୁଗାବତାର ଜଗତ୍ତାନ ଶ୍ରୀସତ୍ୟସାଇ ବାବା ଆମକୁ ପ୍ରତ୍ୟେକ ପଦକ୍ଷେପରେ ମାର୍ଗଦର୍ଶନ କରୁଛନ୍ତି, ଆମର ସନ୍ଦେହ ଦୂର କରୁଛନ୍ତି ଏବଂ ତାଙ୍କର ଦିବ୍ୟ ଚରଣକମଳ ପର୍ଯ୍ୟନ୍ତ ପହଂଚିବାର ପଥ ଦେଖାଉଛନ୍ତି । ଆମେ କେତେ ଭାଗ୍ୟଶାଳୀ ! ଭଗବାନଙ୍କ ନିକଟକୁ ଯିବାର ଆଧ୍ୟାତ୍ମିକ ଯାତ୍ରାକୁ ସାଧାରଣତଃ ତିନୋଟି ପଥ ମାଧ୍ୟମରେ ବର୍ଣ୍ଣନା କରାଯାଏ - କର୍ମ ଯୋଗ ନିସ୍ୱାର୍ଥ କର୍ମର ପଥ, ଭକ୍ତି ଯୋଗ (ଭକ୍ତି ଓ ପ୍ରେମର ପଥ) ଏବଂ ଜ୍ଞାନ ଯୋଗ (ଆଧ୍ୟାତ୍ମିକ ଜ୍ଞାନର ପଥ) । ଅନେକ ସମୟରେ ଏହି ପଥ ଗୁଡ଼ିକୁ ଈଶ୍ୱର ପ୍ରାପ୍ତିର ତିନୁ ତିନୁ ମାର୍ଗ ଭାବେ ବିଚାର କରାଯାଏ । କିନ୍ତୁ ଭଗବାନ ଶ୍ରୀସତ୍ୟସାଇ ବାବାଙ୍କ ଶିକ୍ଷା ଆମକୁ ବୁଝାଇଦିଏ ଯେ, ଏଗୁଡ଼ିକ ପରସ୍ପର ଠାରୁ ପୃଥକ କିମ୍ବା ସ୍ୱାଧୀନ ପଥ ନୁହଁ । ବରଂ ଏଗୁଡ଼ିକ ଏକ ଆଧ୍ୟାତ୍ମିକ ଯାତ୍ରାର ପରସ୍ପର ସଂଯୁକ୍ତ ତିନୋଟି ଦିଗ ଯାହା ଆତ୍ମ ସାକ୍ଷାତକାରର ତତମ ଲକ୍ଷ୍ୟ ହାସଲ ପାଇଁ ସମାନ ଭାବେ ଅପରିହାର୍ଯ୍ୟ ।

ଥରେ ସ୍ୱାମୀ ଏକ ପ୍ରବର୍ଶନୀ ପରିଦର୍ଶନ କରୁଥିବା ସମୟରେ ସେଠାରେ ଏକ ବଡଦଗାଡ଼ି ଏକ କାର ଏବଂ ଏକ ବିମାନର ମଡ଼େଲ ଦେଖିଲେ । ପ୍ରବର୍ଶନୀର ବ୍ୟାଖ୍ୟା କରୁଥିବା ଛାତ୍ର ଜଣକ ଏହାକୁ ଭଗବାନଙ୍କ ନିକଟକୁ ଯିବାର ତିନୋଟି ପଥର ପ୍ରତୀକ ବୋଲି ବୁଝାଇଲେ । ବଡଦଗାଡ଼ି କର୍ମ ଯୋଗ, କାର ଭକ୍ତିଯୋଗ ଏବଂ ବିମାନ ଜ୍ଞାନଯୋଗକୁ ସୂଚାଉ ଥିଲା । ଛାତ୍ର ଜଣକ କହିଲେ ଯେ ବଡଦଗାଡ଼ି ପରି ଧୀର, କାର ତାହା ଠାରୁ ଦ୍ରୁତ ଏବଂ ବିମାନ ସବୁଠାରୁ ଦ୍ରୁତ ଓ ଉତ୍ତମ ପଥ । ସ୍ୱାମୀ ତାଙ୍କ କଥା ଶୁଣି କହିଲେ 'ମନେ ରଖ, ବିମାନରୁ ଯଦି ତଳେ ପଡ଼ିଯାଅ, ତେବେ ଚଂଦ୍ରଦାର କୌଣସି ସାମ୍ଭାବନ ନାଇଁ ।'

ଏହି ସରଳ ମନ୍ତବ୍ୟ ମଧ୍ୟରେ ସ୍ୱାମୀ ଏକ ଗଭୀର ତାତ୍ପର୍ଯ୍ୟ ଦେଇଥିଲେ । ଜ୍ଞାନର ପଥ ହୁଏତ ସବୁଠାରୁ ଦ୍ରୁତ ଓ ଉତ୍ତତର ମନେ ହୋଇପାରେ, କିନ୍ତୁ ଏହା ପାଇଁ ମଧ୍ୟ ଉପଯୁକ୍ତ ପ୍ରସ୍ତୁତି, ପରିପକ୍ୱତା ଓ ମାନସିକ ସ୍ଥିରତା ଆବଶ୍ୟକ । କେବଳ ଗୋଟିଏ ପଥ ଅନ୍ୟ ପଥ ଠାରୁ ଶ୍ରେଷ୍ଠ ବୋଲି ଦେଖାଯାଉଥିବାରୁ ଆଧ୍ୟାତ୍ମିକ ପ୍ରଗତିର ମାପ କରାଯାଇପାରିବ ନାହିଁ । ଏଠାରେ ସ୍ୱାଭାବିକ ଭାବେ ଏକ ପ୍ରଶ୍ନ ଉଠେ - ଏହି ତିନୋଟି ପଥ ମଧ୍ୟରୁ ଶ୍ରେଷ୍ଠ କେଉଁଟି ? ସ୍ୱାମୀ 'ସାଇ' ନାମର ଅକ୍ଷର ଗୁଡ଼ିକ ମାଧ୍ୟମରେ ଏହି ତିନୋଟି ପଥର ମହତ୍ୱକୁ ଅତି ସୁନ୍ଦର ଭାବେ ବୁଝାଇଛନ୍ତି । 'ଏସ୍' ଅର୍ଥ ସର୍ଭିସ ବା ସେବା - କର୍ମ ଯୋଗ, 'ଏ' ଅର୍ଥ ଆଡ଼ୋରେସନ ବା ଆରାଧନା - ଭକ୍ତି , ଏବଂ 'ଆଇ' ଅର୍ଥ ଇନ୍ଫିନିସେନ୍ସ ବା ଆତ୍ମଜ୍ଞାନ ଆଲୋକ - ଜ୍ଞାନ ଯୋଗ । ଏହି ସରଳ ବ୍ୟାଖ୍ୟା ପ୍ରକାଶ କରେ ଯେ ଭଗବାନଙ୍କ ନିକଟକୁ ଯିବାର ଯାତ୍ରାରେ ସେବା, ଭକ୍ତି ଓ ଆଧ୍ୟାତ୍ମିକ ଜ୍ଞାନ, ଏ ତିନୋଟି ଅପରିହାର୍ଯ୍ୟ । ଆମର ପିତାମାତା ଦିବ୍ୟ ସ୍ୱରୂପ ହୋଲି ଜାଣିବା ହେଉଛି ଜ୍ଞାନ । ସେମାନଙ୍କର ପ୍ରକୃତ ସେବା କରିବା ହେଉଛି କର୍ମ । ସେହି ସେବାକୁ ପ୍ରେମ, ଶ୍ରଦ୍ଧା ଓ ଭକ୍ତିର ସହିତ କରିବା ହେଉଛି ଭକ୍ତି । ଏହି ତିନୋଟି ଏକାଠି ହେଲେ ଏକ ସାଧାରଣ କାର୍ଯ୍ୟ ମଧ୍ୟ ପବିତ୍ର ଅର୍ପଣରେ ପରିଣତ ହୁଏ ।

ସ୍ୱାମୀ ଦୁଃଖ କୁହନ୍ତି, କର୍ମ ଯୋଗ ମାନଙ୍କୁ ଦୂର ଜରେ, ଭକ୍ତି ଯୋଗ ବିଷେପକୁ ଦୂର କରେ ଏବଂ ଜ୍ଞାନ ଯୋଗ ଆବରଣକୁ ହଟାଇ ଦିଏ । ଭରତୋରୁ ମୁକ୍ତି ପାଇ ମୋଷ ଦିଗରେ ଅଗ୍ରସର ହେବା ପାଇଁ ଏହି ତିନୋଟି ଯୋଗ ଆବଶ୍ୟକ । ସରଳ ଭାବରେ କହିଲେ, ଜ୍ଞାନଯୋଗ ହେଉଛି ଜାଣିବା, କର୍ମ ଯୋଗ ହେଉଛି କାର୍ଯ୍ୟ କରିବା ଏବଂ ଭକ୍ତି ଯୋଗ ହେଉଛି ଅନ୍ତରର ଭାବନା ଓ ଅନୁଭବ । କର୍ମ ଯୋଗ ହେଉଛି ସୁନ୍ଦର ଶବ୍ଦାର ଦ୍ୱାରା କରାଯାଇଥିବା କାର୍ଯ୍ୟ । ଏହି କାର୍ଯ୍ୟ ଗୁଡ଼ିକ ଯେତେବେଳେ ନିସ୍ୱାର୍ଥ ଭାବରେ ଏବଂ ଉଚିତ ମନୋଭାବରେ କରାଯାଏ, ସେତେବେଳେ ଏହା ସୁଷ୍ଠୁ ଶବ୍ଦାର - ମନ ଓ ଭାବନା ଉପରେ ପ୍ରଭାବ ପକାଏ ଏବଂ ପ୍ରେମ ଓ ଭକ୍ତିର ବିକାଶ ଜରେ । ଏହା ହିଁ ଭକ୍ତି ଯୋଗ । ଭକ୍ତି ଯେତେ ଗଭୀର ହୁଏ, ଆଧ୍ୟାତ୍ମିକ ବୁଝାମଣା ଓ ଆତ୍ମଜ୍ଞାନର ଆଲୋକ ସେତେ ବିକଶିତ ହୁଏ, ଯାହା ଜ୍ଞାନଯୋଗକୁ ନେଇଯାଏ । ଏହିପରି କର୍ମରୁ ଭକ୍ତିର ଉଦୟ ହୁଏ ଏବଂ ଭକ୍ତି କ୍ରମେ ଜ୍ଞାନରେ ପରିପକ୍ୱ ହୁଏ । ଏହି ତିନୋଟି ପରସ୍ପର ଉପରେ ନିର୍ଭରଶୀଳ, କୌଣସି ଗୋଟିଏକୁ ମଧ୍ୟ ଅନାବଶ୍ୟକ ବୋଲି ବିଚାର ଜରାଯାଇପାରିବ ନାହିଁ । ସ୍ୱାମୀ ଏହି ସମ୍ପର୍କକୁ ଶିକ୍ଷା ବ୍ୟବସ୍ଥାର ଉତ୍ତାହରଣ ବେଇ ମଧ୍ୟ ବୁଝାଇଛନ୍ତି । କର୍ମ ଯୋଗ ପ୍ରାଥମିକ ବିଦ୍ୟାଳୟ ସଦୃଶ, ଭକ୍ତି ଯୋଗ ଉଚ୍ଚ ମାଧ୍ୟମିକ ଶିକ୍ଷା ସଦୃଶ ଏବଂ ଜ୍ଞାନ ଯୋଗ ବିଶ୍ୱବିଦ୍ୟାଳୟ ଶିକ୍ଷା ସଦୃଶ । ବିଶ୍ୱବିଦ୍ୟାଳୟର ଡିଗ୍ରୀ ଆମର ଶେଷ ଲକ୍ଷ୍ୟ ହୋଇପାରେ, କିନ୍ତୁ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ସମାପ୍ତ ନକରି କେହି ବିଶ୍ୱବିଦ୍ୟାଳୟରେ ପହଂଚି ପାରିବେ ନାହିଁ । ପ୍ରତ୍ୟେକ ପର୍ଯ୍ୟାୟ ଅତ୍ୟନ୍ତ ଆବଶ୍ୟକ । ଆଧ୍ୟାତ୍ମିକ ପ୍ରଗତି ଏକ କ୍ରମିକ ପ୍ରକ୍ରିୟା । ଏହି ତିନୋଟି ପଥ କେବଳ ତାର୍ଶନିକ ଧାରଣା ନୁହେଁ, ଏହାର ପ୍ରତିପାଳନ ଶ୍ରୀସତ୍ୟସାଇ ସେବା ସଂଗଠନର ଗଠନରେ ମଧ୍ୟ ଦେଖିବାକୁ ମିଳେ । ଏହି ସଂଗଠନର ତିନୋଟି ବିଭାଗ ରହିଛି - ଆଧ୍ୟାତ୍ମିକ ବିଭାଗ, ସେବା ବିଭାଗ ଏବଂ ଶିକ୍ଷା ବିଭାଗ । ଆଧ୍ୟାତ୍ମିକ ବିଭାଗ ନାମ ସୂଚାଏ, ସାଇ ସାହିତ୍ୟ ଅଧ୍ୟୟନ, ଦେବାଳୟ, ଜପ-ଧ୍ୟାନକୁ ଉତ୍ସାହିତ କରେ । ସେବା ବିଭାଗ ଗ୍ରାମ ସେବା, ନାରାୟଣ ସେବା, ରକ୍ତଦାନ ଆଦି ନିସ୍ୱାର୍ଥ ସେବା କାର୍ଯ୍ୟର ସୁଯୋଗ ପ୍ରଦାନ କରେ । ଶିକ୍ଷା ବିଭାଗ ଶ୍ରୀସତ୍ୟସାଇ ଜାତିବିକାଶ, ଯୁବ ଶକ୍ତି ପାଇଁ ପୂର୍ଣ୍ଣାଙ୍କ ଜ୍ୟୋତି, ଦିବ୍ୟ ଜାଡିନା, ନିଖୁଣ ଶିକ୍ଷା ପ୍ରଦାନ ଆଦି ମାଧ୍ୟମରେ ଭଗବାନଙ୍କ ପ୍ରତି ପ୍ରେମକୁ ଦୃଢ଼ କରେ । ସ୍ୱାମୀ ଏହା ମଧ୍ୟ ଜୋର ଦେଇ କହିଛନ୍ତି ଯେ ସେବା ଆମର ଜନ୍ମସିଦ୍ଧ ଅଧିକାର । ଏହାକୁ ଆମ ଉପରେ ଜାଦି ଦିଆଯାଇଥିବା ଜେବନ ଏକ କର୍ତବ୍ୟ ଭାବେ ଦେଖିବା ଉଚିତ ନୁହେଁ । ବରଂ ଏହା ଏକ ସୌଭାଗ୍ୟ ଓ ସୁଯୋଗ, ଯାହାକୁ ଆମେ ସ୍ୱଇଚ୍ଛାରେ ଖୋଜିବା, ଏବଂ ସାବରେ ଗ୍ରହଣ କରିବା ଉଚିତ । ଆମକୁ ଭଗବାନଙ୍କର ଜନ୍ମ ଶତାବ୍ଦୀ ପାଳନ ଅବସରରେ ଆମର ହାତ ନିସ୍ୱାର୍ଥ ସେବାରେ ନିୟୋଜିତ ହେଉ, ହୃଦୟ ଭକ୍ତିରେ ପରିପୂର୍ଣ୍ଣ ହେଉ ଏବଂ ମନ ଆଧ୍ୟାତ୍ମିକ ଜ୍ଞାନର ଆଲୋକରେ ଉଦ୍ଭାସିତ ହେଉ । ଆମର ପ୍ରତ୍ୟେକ କାର୍ଯ୍ୟ ଏକ ଅର୍ପଣ ହେଉ, ପ୍ରତ୍ୟେକ ଚିନ୍ତା ପ୍ରେମର ଅଭିବ୍ୟକ୍ତି ହେଉ ଏବଂ ପ୍ରତ୍ୟେକ ଅନୁଭୂତି ଆମକୁ ଆମର ଦିବ୍ୟ ସ୍ୱରୂପର ସାକ୍ଷାତକାର ଦିଗରେ ଆଗେଇ ନେଉ ।

*ଭୁବନେଶ୍ୱର, ଦୂରଭାଷ :



ସେତିକି ଆରମ୍ଭ
SEITHO ARAMBHA



ବୁଧବାର ୧୮ ନଭେମ୍ବର, ୨୦୨୬ : ଭାଲେଶ୍ୱର : ପୃଷ୍ଠା -୬

ଅକଭାନ ବାତ୍ୟାକୁ ନେଇ ଜି.ଉଦୟଗିରି ପ୍ରଶାସନ ସଜାଗ

ଜି.ଉଦୟଗିରି, ୧୬/୧୧ (ଆ.ପ୍ର) : ସମ୍ଭାବ୍ୟ ଆଲଗ୍ଭାନ ବାତ୍ୟାକୁ ନେଇ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଆଜୁଲା ସତର୍କତା ଓ ପ୍ରସ୍ତୁତି ଆରମ୍ଭ ହୋଇଛି । ବାତ୍ୟାର ସମ୍ଭାବ୍ୟ ପ୍ରଭାବକୁ ଦୃଷ୍ଟିରେ ରଖି ପାହାଡ଼ ତଳିଆ ଅଂଚଳରେ ରହୁଥିବା ଲୋକଙ୍କୁ ସୁରକ୍ଷିତ ଭାବେ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରିବା ପାଇଁ ପ୍ରଶାସନ ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଇଛି । କନ୍ଧମାଳ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏହି ସମସ୍ତ ପ୍ରସ୍ତୁତି ଚାଲିଥିବା ଜଣାପଡ଼ିଛି । ଏପଟେ ଏନଡିଆରଏଫ ର ଉଦ୍ଧାର ଜାରି ଦଳ ପହଂଚି ସାରିଥିବା ବେଳେ ପ୍ରଶାସନ ସଜାଗ ରହିଥିବା ଦେଖିବାକୁ ମିଳିଛି ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଜି.ଉଦୟଗିରି ବ୍ଲକ ଅନ୍ତର୍ଗତ ୮ଟି ଂଚାୟତର ୧୬ଟି ଗ୍ରାମରୁ ମୋଟ ୧୪୮୦ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ପାଇଁ ସ୍ଥିର କରାଯାଇଛି । ଏଥିପାଇଁ ୧୦ଟି ଆଶ୍ରୟସ୍ଥଳ ପ୍ରସ୍ତୁତ ରଖାଯାଇଛି । ଆସନ୍ତା ୧୮ ତାରିଖରେ ଏହି ୮ଟି ଂଚାୟତର ୧୬ଟି ଗ୍ରାମର ଲୋକଙ୍କୁ ଚିହ୍ନଟ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯିବ । ସେହିପରି ଜି.ଉଦୟଗିରି ବିଜ୍ଞାପିତ ଅଂଚଳ ପରିଷଦ ଅନ୍ତର୍ଗତ ୧୧, ୪ ଓ ୧ ନମ୍ବର ୱାର୍ଡରେ ରହୁଥିବା ୧୩୦ ଜଣଙ୍କୁ ଆସନ୍ତା ୧୯ ତାରିଖରେ ସୁରକ୍ଷିତ ଆଶ୍ରୟସ୍ଥଳକୁ ନିଆଯିବା ପାଇଁ ଯୋଜନା ରହିଛି । ଏହିପରି କୁଚ ଓ ଏନ୍‌ଏଣ୍ଡି ଅଂଚଳକୁ ମୋଟ ୧୬୧୦ ଜଣଙ୍କୁ ସ୍ଥାନାନ୍ତର କରିବାକୁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଛି । ଅନ୍ୟପକ୍ଷରେ ପାଣିପାଗ ବିଜ୍ଞାଗର ପୂର୍ବାନୁମାନ ଅନୁଯାୟୀ ଲୋକଙ୍କୁ ସୁରକ୍ଷିତ ଭାବେ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରିବା ପାଇଁ ପ୍ରଶାସନ ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଇଛି । କନ୍ଧମାଳ ଜିଲ୍ଲା ସମେତ ଜି.ଉଦୟଗିରି ଅଂଚଳରେ କେତେ ମାତ୍ରାରେ ଏହାର ପ୍ରଭାବ ପଡ଼ିବ, ତାହା ଏବେଠାରୁ ସ୍ପଷ୍ଟ ହୋଇନାହିଁ । ଏଥିପାଇଁ ଆଗାମୀ ପାଖିପାର ସୁଦ୍ଧି ଉପରେ ସମସ୍ତଙ୍କ ନଜର ରହିଛି । ତେବେ ଗତ ଅର୍ଦ୍ଧ ବାତ୍ୟାରେ କନ୍ଧମାଳ ଜିଲ୍ଲା ଯେଉଁଭଳି ଭାବେ କ୍ଷତିଗ୍ରସ୍ତ ହୋଇଥିଲା, ତାହାକୁ ଆଖି ଆଗରେ ରଖି ପ୍ରଶାସନ ଆଗୁଆ ସତର୍କ ହୋଇଛି । ବିଶେଷକରି ପାହାଡ଼ ତଳିଆ ଓ ଜଙ୍ଗଲ ଅଞ୍ଚଳୀ ଥିବା ଅଂଚଳରେ ରହୁଥିବା ପରିବାର ଗୁଡ଼ିକୁ ପୂର୍ବରୁ ସୁରକ୍ଷିତ ସ୍ଥାନକୁ ନେବା ଉପରେ ଗୁରୁତ୍ୱ ଦିଆଯାଇଛି ସୂଚନାଯୋଗ୍ୟ ଯେ, ଗତ ଅର୍ଦ୍ଧ ବାତ୍ୟା ସମୟରେ ଗିଡ଼ିପାବାଲି ଗ୍ରାମରେ ଭୟଙ୍କର ଜଙ୍ଗଲ ଘଟି ୧୩ ଜଣଙ୍କ ଜୀବନ ଯାଇଥିଲା । ପାଣିବତ୍ର ମାଟି ଓ ପଥର ଧସି ଗ୍ରାମଟି ପ୍ରାୟ ସମ୍ପୂର୍ଣ୍ଣ ମାଟି ତଳେ ପୋତି ହୋଇଯାଇଥିଲା । ଅନେକ ପରିବାର ନିଜର ଘରଦ୍ୱାର ଓ ଆସବାବପତ୍ର ହରାଇଥିଲେ । ସେହିପରି ରାଇକିଆ କୁଚ ଅନ୍ତର୍ଗତ ଡାଙ୍ଗେଶା ଗ୍ରାମରେ ମଧ୍ୟ ଭୟଙ୍କର ପାଣିପାଗ ବିଜ୍ଞାଗର ପୂର୍ବାନୁମାନ ଯୋଗୁଁ ଗ୍ରାମଟି ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଥିଲା । ଏହି ଘଟଣାରେ ଗୋଟିଏ ପରିବାରର ୩ ଜଣଙ୍କ ଜୀବନ ଯାଇଥିଲା । ଏହି ଦୁଇଟି ଦୃଶ୍ୟଦ ଘଟଣା ସମସ୍ତ ଜିଲ୍ଲାବାସୀଙ୍କୁ ମର୍ମାହତ କରିଥିବା ସହ ପ୍ରଶାସନ ପାଇଁ ମଧ୍ୟ ଏକ ବଡ଼ ଶିକ୍ଷା ଯୋଇ ରହିଛି । ଏହି ପୂର୍ବ ଅନୁଭୂତିକୁ ଦୃଷ୍ଟିରେ ରଖି ଆଜୁ ବାତ୍ୟା ପୂର୍ବରୁ ଜୋଶମି ଅଞ୍ଚଳ ଯେପରି ନ ଘଟେ, ସେଥିପାଇଁ ପ୍ରଶାସନ ପକ୍ଷରୁ ଆଗୁଆ ପଦକ୍ଷେପ ନିଆଯାଉଛି । ଲୋକଙ୍କ ଜୀବନ ରକ୍ଷା ଉଦ୍ଦେଶ୍ୟରେ ଏହି ଆଗୁଆ ପଦକ୍ଷେପ ଲୋକଙ୍କୁ ସମୟ ପୂର୍ବରୁ ସ୍ଥାନାନ୍ତର କରିବା ସହ ଆଶ୍ରୟସ୍ଥଳରେ ଆବଶ୍ୟକୀୟ ବ୍ୟବସ୍ଥା କରିବା ଉପରେ ଜୋର ଦିଆଯାଇଛି । ତେବେ ବାତ୍ୟାର ପ୍ରକୃତ ପ୍ରଭାବ ଜଣାପଡ଼ିବା ପୂର୍ବରୁ ପ୍ରଶାସନର ଏହି ଆଗୁଆ ପ୍ରସ୍ତୁତି ନିସ୍ଚିତ ଭାବେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଏବେ ଆବଶ୍ୟକ ହେଉଛି ପ୍ରଶାସନ ସହିତ ଜନସାଧାରଣଙ୍କ ମଧ୍ୟ ସତର୍କ ଓ ସଚେତନ ରହିବା ।

ଜ୍ଞାନ ପାଣ୍ଡିତ୍ୟ ଓ ସାହସିକତାର ଅନନ୍ୟ ପ୍ରତୀକ: ଡକ୍ଟର ଶ୍ରୀରାମ ଦାଶ


ଜଗତସିଂହପୁର, ୧୬/୧୧ (ଆ.ପ୍ର) : ଓଡ଼ିଶାର ଶିକ୍ଷା, ସାହିତ୍ୟ ଓ ଗାଳନୀତି ବିଜ୍ଞାନ ଜଗତର ଅନ୍ୟତମ ପ୍ରମୁଖ ବିଦ୍ୱାଶୀ ଡକ୍ଟର ଶ୍ରୀରାମ ଚନ୍ଦ୍ର ଦାଶଙ୍କ ୧୦୮ ତମ ଜୟନ୍ତୀ ସ୍ମାନାୟ ପ୍ରଫୁଲ୍ଲ ପାଠାଗାର ପରିସରରେ ପାଳିତ ହୋଇଯାଇଛି । ଶିକ୍ଷାବିତ୍ ବିଜୟ କୁମାର ପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଆଲୋଚକ ଭାବେ ଶିକ୍ଷାବିତ୍ ଚରୀତ୍ରନାଥ ତ୍ରିପାଠୀ, ଚଂଶୀଧର ଆଚାର୍ଯ୍ୟ, ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ, ପ୍ରଦ୍ୟୁମ୍ନ କୁମାର ସାହୁ, ବିଜୁଡି କୃଷ୍ଣ ଭେଳା, ସତ୍ୟବାଦୀ ଦାସ, ଗାମତହ ଆଚାର୍ଯ୍ୟ, ଆଇନଜୀବୀ ଶିବ ପ୍ରସାଦ ମାଟୀ, ପଞ୍ଚୟ କୁମାର ସାମନ୍ତସିଂହାର, ପ୍ରତାପ କୁମାର ରାଉତରାୟ ପ୍ରମୁଖ ଯୋଗଦେଇ ଡକ୍ଟର ଦାଶଙ୍କ ଅମ୍ଲାନ ପ୍ରତିଭାକୁ ମନେ ପକାଇ ଶ୍ରଦ୍ଧାର ସହ ସ୍ମରଣ କରିଥିଲେ । ସେ ଏକାଧାରରେ ଜଣେ ପ୍ରତୀଶ ସଂବିଧାନ ବିଶେଷଜ୍ଞ, ପ୍ରାବନ୍ଧିକ, ଜଳଜ ବିଶ୍ୱବିଦ୍ୟାଳୟର ଗାଳନାତି ବିଜ୍ଞାନ ବିଜ୍ଞାଗର ପ୍ରତିଷ୍ଠାତା, ଗାଳନୀତିଜ୍ଞ, ବାଗ୍ମୀ, ବହୁ ସଂଗଠନ ଅଲେଜୋଡିତ ମତ ପ୍ରକାଶ କରିଥିଲେ । 'ୟୁଗୋପରେ ମୋ ଅନୁଭୂତି' ପୁସ୍ତକ ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମି ପୁରସ୍କାର ପାଇବା ସହ ଅନେକ ଜାତଜୟୀ ପୁସ୍ତକ ଯଥା, ମୋ ଅନୁଭୂତି ଜାହାଣୀ, ମୋ ଦେଶ, ଭାରତର ସମିଧାନ ଆଦି ଓଡ଼ିଆ ସାରସ୍ୱତ ଉଣାରୁ ସମୃଦ୍ଧ ଜଡିଛି ବୋଲି ବର୍ତ୍ତନା କରିଥିଲେ ଓ ଶେଷରେ ସୁଦ୍ଧେତ୍ତ କୁମାର ରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

ଦେବଗିରି ବାର୍ତ୍ତା ସମ୍ମାନରେ ସମ୍ମାନୀତ ହେବେ ଯୁବ ସାମ୍ବାଦିକ ତୁଳାରାମ ବେହେରା




ଲୋଇସରା, ୧୬/୧୧ (ଆ.ପ୍ର) : ରାଜ୍ୟସ୍ତରୀୟ କୁମାରସ୍ୱାମୀ ମହୋତ୍ସବ ଅବସରରେ ଯୁବ ସାମ୍ବାଦିକ ତୁଳାରାମ ବେହେରାଙ୍କୁ ମର୍ଯ୍ୟାଦାଜନକ 'ଦେବଗିରି ବାର୍ତ୍ତା ସମ୍ମାନ-୨୦୨୬' ପ୍ରଦାନ କରାଯିବ । ଲୋଇସରା ବ୍ଲକ ଅନ୍ତର୍ଗତ କୁଶୁମୁଣ୍ଡିର ସୁବର୍ଣ୍ଣି ବେହେରା ଓ ରଘୁନାଥ ବେହେରାଙ୍କ ସୁପୁତ୍ର ତୁଳାରାମ ୨୦୧୯ ମସିହାରେ ଓଡ଼ିଆ ବାର୍ତ୍ତାଜୁ ଡାଙ୍କର ସାମ୍ବାଦିକତା ଜୀବନ ଆରମ୍ଭ କରିଥିଲେ । ବର୍ତ୍ତମାନ ସେ ଦର୍ଶନ ଖବର କାଗଜର ଲୋଇସରା ବ୍ଲକ ପ୍ରତିନିଧି ଭାବେ ଜନତାଙ୍କ ସ୍ୱରକୁ ପ୍ରଶାସନ ପାଖରେ ପ୍ରଭାବି ଢଙ୍ଗରେ ଉପସ୍ଥାପନ କରି ଆସୁଛନ୍ତି । ଉତ୍କୃଷ୍ଟ ମାନର ସମ୍ବାଦ ସହ ଗ୍ରାମାଂଚଳ ଓ ଉପାନ୍ତ ଅଂଚଳର ଖବର ପରିବେଷଣ ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସେ ସମ୍ମାନିତ ହୋଇଛନ୍ତି । ଏହାସହ ଜଣେ ଯୁବ ଙ୍ଗଠକ ଭାବେ ସେ ବିଭିନ୍ନ ଅନୁଷ୍ଠାନ ସହ ଜଡ଼ିତ ହୋଇ ଆସୁଛନ୍ତି । କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଅନ୍ତର୍ଗତ ତୁଡ଼ୁମାପଡରାରେ ଆସନ୍ତା ନଭେମ୍ବର ୨୨ରୁ ୨୫ ତାରିଖ ଯାଏଁ ଆୟୋଜିତ ହେବାକୁଥିବା ରାଜ୍ୟସ୍ତର ଅଗ୍ରଣୀ ଙ୍ଗପ୍ତ ଦେବଗିରି ସାଂସ୍କୃତିକ ଅନୁଷ୍ଠାନର ୩୪ତମ ବାର୍ଷିକ ଉତ୍ସବ ତଥା ରାଜ୍ୟସ୍ତରୀୟ କୁମାରସ୍ୱାମୀ ମହୋତ୍ସବର 'ଗୋସିଙ୍ଗ ଦେବୀ ଦରବାର' କାର୍ଯ୍ୟକ୍ରମରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ । ଏନେଇ ସୂଚନା ଦେଇଛନ୍ତି ଦେବଗିରି ସାଂସ୍କୃତିକ ଅନୁଷ୍ଠାନର ସଧାରଣ ସମ୍ପାଦକ ସୁନୀଲ କୁମାର ଧଙ୍ଗାଡ଼ାମାଝୀ ।

ଲକ୍ଷ୍ମୀ ରଞ୍ଜନ ବାଗଙ୍କୁ 'ଦେବଗିରି ବାର୍ତ୍ତା ସମ୍ମାନ'



ଉଦାନାପାଟଣା, ୧୬/୧୧ (ଆ.ପ୍ର) : ଚଳିତ ବର୍ଷର ମର୍ଯ୍ୟାଦାଜନକ 'ଦେବଗିରି ବାର୍ତ୍ତା ସମ୍ମାନ'ରେ ସମ୍ମାନିତ ହେବେ କଳାହାଣ୍ଡି ଜିଲ୍ଲାର ଯୁବ ସାମ୍ବାଦିକ ଲକ୍ଷ୍ମୀ ରଞ୍ଜନ ବାଗ । ଆସନ୍ତା ନଭେମ୍ବର ୨୨ରୁ ୨୫ ତାରିଖ ପର୍ଯ୍ୟନ୍ତ କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଅନ୍ତର୍ଗତ ତୁଡ଼ୁମାପଡରାରେ ଆୟୋଜିତ ଦେବାକୁଥିବା ରାଜ୍ୟସ୍ତର ଅଗ୍ରଣୀ ସଂସ୍ଥା 'ଦେବଗିରି ସାଂସ୍କୃତିକ ଅନୁଷ୍ଠାନ'ର ୩୪ତମ ବାର୍ଷିକ ଉତ୍ସବ ତଥା ରାଜ୍ୟସ୍ତରୀୟ କୁମାରସ୍ୱାମୀ ମହୋତ୍ସବର 'ଗୋସିଙ୍ଗ ଦେବୀ ଦରବାର' କାର୍ଯ୍ୟକ୍ରମରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ । ଅନୁଷ୍ଠାନର ସାଧାରଣ ସମ୍ପାଦକ ସୁନୀଲ କୁମାର ଧଙ୍ଗାଡ଼ାମାଝୀ ଏହି ସୂଚନା ପ୍ରଦାନ କରିଛନ୍ତି । ନୂତନ ପିଢ଼ିର ଜଣେ ନିଷ୍ପାପର ସାମ୍ବାଦିକ ଭାବେ ଶ୍ରୀ ବାଗ ନିଜ ଜୀବନରୁ ଜନସେବା ଏବଂ ଗଣମାଧ୍ୟମକୁ ଉଚ୍ଚାର୍ଣ୍ଣ କରିଛନ୍ତି । ତୃଣମୂଳ ସ୍ତରର ବିଭିନ୍ନ ସମସ୍ୟା ଓ ଜନସାଧାରଣଙ୍କ ଦୁଃଖସୁଖକୁ ଗଣମାଧ୍ୟମରେ ପ୍ରମୁଖ ଭାବେ ତୁଲାଧରି ଜଣେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ସହ ସେସବୁର ସମାଧାନ ଦିଗରେ ସେ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି । ୨୦୦୮ ମସିହାରୁ 'ସମ୍ବାଦ'ର କଳମପୁର ପ୍ରତିନିଧି ଭାବେ ସାମ୍ବାଦିକତା ଜୀବନ ଆରମ୍ଭ କରିଥିବା ଶ୍ରୀ ବାଗ ପରବର୍ତ୍ତୀ ସମୟରେ 'ପ୍ରମେୟ' ଏବଂ 'ଓଡ଼ିଶା ରାଷ୍ଟ୍ରର ଲାଇଭ୍' ଆଦି ପ୍ରତିଷ୍ଠିତ ଗଣମାଧ୍ୟମରେ ଜାର୍ଯ୍ୟ କରିଛନ୍ତି । ବର୍ତ୍ତମାନ ସେ 'ନିର୍ଭୟ ସୂଚନା' ଖବରଜାଗଜର କଳାହାଣ୍ଡି ଜିଲ୍ଲା ପ୍ରତିନିଧି ଭାବେ ଦାୟିତ୍ୱ ତୁଲାଇଛନ୍ତି । ସାମ୍ବାଦିକତା କ୍ଷେତ୍ରରେ ତାଙ୍କର ଏହି ଉଲ୍ଲେଖନୀୟ ଅବଦାନ ଓ ସାହସିକତା ପାଇଁ ତାଙ୍କୁ ଏହି ପ୍ରତିଷ୍ଠିତ ସମ୍ମାନରେ ଭୂଷିତ କରାଯିବ ।

ଫସିଥିବା ଭାରତୀୟ ଜାହାଜକୁ ସୁରକ୍ଷିତରେ ଉଦ୍ଧାର



ପାରାଦୀପ, ୧୬/୧୧ (ଆ.ପ୍ର) : ଗଭୀର ସମୁଦ୍ରରେ ଫସିଥିବା ଭାରତୀୟ ଜାହାଜ ଏମ୍‌ଭି ବିଶ୍ୱ ଉଦୟକୁ ସୁରକ୍ଷିତରେ ଉଦ୍ଧାର କରିଛି ପାରାଦୀପ ବନ୍ଦର । ପାରାଦୀପ ଉପକୂଳରୁ ପ୍ରାୟ ୫୫ ନଟିକାଲ ମାଇଲ ଦୂରରେ ଜାହାଜ ଏମ୍‌ଭି ବିଶ୍ୱ ଉଦୟ ତେଲ ସାଥୁ ନେଇ ଭାଇଜାଗ ଫଟ୍ଟନେ ଏଙ୍କର ଇଞ୍ଜିନ୍ ରୁମ୍‌ରେ ପାଣି ପଶିଯାଇଥିଲା । ଜାହାଜ ବିପଦରେ ପଡ଼ି ରହିଥିଲା । ସିଂହ ଇଣ୍ଟରେପସ୍ ଅଫ୍ ଇଣ୍ଡିଆ ମିମିଟେଡ୍ ଠାରୁ ଜରୁରୀକାଳୀନ ସୂଚନା ପାଇଁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ତୁରନ୍ତ ନିଜର ସାମୁଦ୍ରିକ ସମ୍ବଳକୁ କାର୍ଯ୍ୟରେ ଲଗାଇଥିଲେ । ଜାହାଜରୁ ପାଣି ବାହାର କରିବା ପାଇଁ ସ୍ୱତନ୍ତ୍ର ପମ୍ପ ସହ ଏକ ବିଶେଷଜ୍ଞ ଦଳ ମଧ୍ୟ ନିୟୋଜିତ ହୋଇଥିଲେ । ଯାହାଦ୍ୱାରା ଜାହାଜ ଭିତରୁ ପାଣି ଜମିବାକୁ ନିୟନ୍ତ୍ରଣ କରାଯାଇପାରିଥିଲା ଭଳି ସମ୍ପୃକ୍ତ ଏଜେନ୍ସି ଏମ୍‌ଭି ବିଶ୍ୱ ଉଦୟ'କୁ ସୁରକ୍ଷିତ ଭାବେ ଟାଣି ଆଣି ଆଜି ସକାଳେ ବନ୍ଦର ସୀମା ବାହାରେ ସୁରକ୍ଷିତ ଭାବେ ଲଙ୍ଗର ପକାଇଥିବା ପାରାଦୀପ ବନ୍ଦର ପକ୍ଷରୁ ସୂଚନା ଦିଆଯାଇଛି । ଜାହାଜରେ ଥିବା ସମସ୍ତ ୨୨ ଜଣ କର୍ମଚାରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି ।

କୋରାପୁଟ ହାଉସିଂ ବୋର୍ଡ କଲୋନୀରେ ଉଚ୍ଛେଦ ଅଭିଯାନକୁ ବ୍ରେକ



କୋରାପୁଟ, ୧୬/୧୧ (ଆ.ପ୍ର) : କୋରାପୁଟ ସହରରେ ଅନଧିକୃତ ଜବରଦଖଲକୁ ନେଇ ପୁଣି ତତ୍ପର୍ତା । ବିଶ୍ୱ ମନ୍ଦିର ସମ୍ମୁଖରେ ଥିବା ହାଉସିଂ ବୋର୍ଡ କଲୋନୀରେ ଆଜି ଦେବାକୁ ଥିବା ଅନଧିକୃତ ଦଖଲ ଉଚ୍ଛେଦ ଅଭିଯାନ ଶେଷ ମୁହୂର୍ତ୍ତରେ ସ୍ଥଗିତ ରହିଛି ।ପୂର୍ବରୁ ମାଇକ୍ ଯୋଗେ ଉଚ୍ଛେଦ ନେଇ ପ୍ରଚାର କରାଯାଇଥିବାରୁ ଆଜି ଘୌର ପରିଷଦ, ତହସିଲ ଓ ହାଉସିଂ ବୋର୍ଡର ଅଧିକାରୀ ଏବଂ କର୍ମଚାରୀ ପୋଲିସ ପୋଟ୍ ସହ ଘଟଣାସ୍ଥଳରେ ପହଂଚିଥିଲେ । ସେଠାରେ ପହଂଚିବା ପରେ ଅଧିକାରୀମାନେ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ । ତେବେ ଆଲୋଚନା ସମୟରେ ଜଣାପଡ଼ିଥିଲା ଯେ, ପୂର୍ବରୁ ହୋଇଥିବା ସାମ୍ନା ନିର୍ଦ୍ଧାରଣ ବହୁ ପୁରୁଣା । ଏହି ଅଂଚଳରେ କେତେ ଘର ରହିଛି, ଜାହା ପାଖରେ କେତେ ଜମି ଅଛି ଏବଂ କେତେ ଜମି ଅନଧିକୃତ ଭାବେ ଦଖଲ ହୋଇଛି, ସେନେଇ ସଠିକ୍ ନୂତନ ତଥ୍ୟ ମଧ୍ୟ ଉପସ୍ଥାପନ ନାହିଁ । ଏହି କାରଣରୁ ଆଜିର ଉଚ୍ଛେଦ ପ୍ରକ୍ରିୟାକୁ ସ୍ଥଗିତ ରଖାଯାଇଥିବା ଜଣାପଡ଼ିଛି । କୋରାପୁଟ ଘୌର ପରିଷଦର ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ ସୂଚନା ଅନୁସାରେ, ଓଡ଼ିଶା ଜାଜ୍ୟ ହାଉସିଂ ବୋର୍ଡର ସଚିବଙ୍କ ଠାରୁ ଚିଠି ପାଇବା ପରେ ଏହି ଉଚ୍ଛେଦ ଅଭିଯାନ ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା । ତେବେ ଆଗାମୀ ଦିନରେ କୋରାପୁଟ ତହସିଲ ଓ ହାଉସିଂ ବୋର୍ଡ ସହ ମିଳିତ ଭାବେ ଉକ୍ତ ଂଚଳର ତଦାରଖ କରାଯିବ । ଏଥିପାଇଁ ଉରୟ ବିଜ୍ଞାଗକୁ ଚିଠି ଲେଖାଯିବ ବୋଲି ନିର୍ବାହୀ ଅଧିକାରୀ କହିଛନ୍ତି । ମିଳିତ ତଦାରଖ ପରେ ଯେଉଁମାନେ ବାସ୍ତବରେ ଅନଧିକୃତ ଭାବେ ଜମି ଦଖଲ କରିଥିବେ, ସେମାନଙ୍କୁ ପ୍ରଥମେ ନୋଟିସ୍ ଦିଆଯିବ । ନୋଟିସ୍ ପରେ ମଧ୍ୟ ଯଦି ସେମାନେ ନିଜ ଦଖଲ ହଟାଇବେ ନାହିଁ, ତେବେ ଆଇନ ଅନୁଯାୟୀ ପ୍ରଶାସନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା କରାଯିବ ବୋଲି ଶ୍ରୀ ତ୍ରିପାଠୀ । ଅବ୍ୟପଟେ, ନିଜ ଘରଡିହରେ ତେବେ ଜମି ଅଛି ଏବଂ ତେବେ ଜମିକୁ ଅନଧିକୃତ ଦଖଲ ବୋଲି ଚିହ୍ନଟ କରାଯାଇଛି, ତାହାକୁ ନୂତନ ତଥ୍ୟ ନଥାଇ କିପରି ଉଚ୍ଛେଦ ପାଇଁ ପ୍ରଶାସନ ପହଂଚିଲା, ତାହାକୁ ନେଇ ସ୍ଥାୟୀ ବାସିନ୍ଦାଙ୍କ ମଧ୍ୟରେ ତଦନ୍ତର ପ୍ରକାଶ ପାଇଛି । ତେବେ ଆସନ୍ତୁ ମିଳିତ ତଦାରଖରେ କେଉଁ କେଉଁ ଜମି ଅନଧିକୃତ ଦଖଲ ଭାବେ ଚିହ୍ନଟ ହେବ ? ଏବଂ କେତେ ପୁଣି ଆରମ୍ଭ ହେବ ଉଚ୍ଛେଦ ଅଭିଯାନ ? ଏବେ ଏହି ସବୁ ପ୍ରଶ୍ନକୁ ନେଇ ତର୍ଜାରେ କୋରାପୁଟ ହାଉସିଂ ବୋର୍ଡ କଲୋନୀ ।

ମଧୁବାବୁ ପେନ୍‌ସନ୍ ଯୋଜନାର ନୂତନ ପୋର୍ଟାଲ୍ ଶୁଭାରମ୍ଭ

ବାଲିଗୁଡ଼ା, ୧୬/୧୧ (ଆ.ପ୍ର) : ସାମାଜିକ ସୁରକ୍ଷା ବ୍ୟବସ୍ଥକୁ ଅଧିକ ସୁଦୃଢ଼, ସ୍ୱଚ୍ଛ ଓ ଲୋକାଭିମୁଖୀ କରିବା ଦିଗରେ ଗୁରିଗୁଡ଼ାରେ ଆଉ ଏକ ପଦକ୍ଷେପ ନିଆଯାଇଛି । ମଧୁବାବୁ ପେନ୍‌ସନ୍ ଯୋଜନାରେ ଡିଜିଟାଲ୍ ବ୍ୟବସ୍ଥାକୁ ଅଧିକ ସକ୍ରିୟ କରିବା ଲକ୍ଷ୍ୟରେ ୟୁନିଫାଏଡ୍ ପେନ୍‌ସନ୍ ମ୍ୟାନେଜମେଣ୍ଟ ପୋର୍ଟାଲ୍‌ର ଶୁଭାରମ୍ଭ ସହ ନୂତନ ଭାବେ ସ୍ୱାକୃତିପ୍ରାପ୍ତ ୨୨ ଜଣ ହିତାଧିକାରୀଙ୍କୁ ପେନ୍‌ସନ୍ ବଣ୍ଟନ କରାଯାଇଛି । ବାଲିଗୁଡ଼ା ବ୍ଲକ ସ୍ତରରେ ଆୟୋଜିତ ଏହି କାର୍ଯ୍ୟକ୍ରମ ସାମାଜିକ ସୁରକ୍ଷା ଯୋଜନାରେ ଡିଜିଟାଲ୍ ପ୍ରଯୁକ୍ତିର ଉପଯୋଗକୁ ଏକ ନୂଆ ଦିଗ ଦେଇଛି । ନୂତନ ପୋର୍ଟାଲ୍ ମାଧ୍ୟମରେ ପେନ୍‌ସନ୍ ଆବେଦନ, ହିତାଧିକାରୀଙ୍କ ତଥ୍ୟ ଯାଂଚ, ଅନୁମୋଦନ ଏବଂ ପେନ୍‌ସନ୍ ବଣ୍ଟନ ପ୍ରକ୍ରିୟାକୁ ଅଧିକ ସରଳ ଓ ସ୍ୱଚ୍ଛ କରାଯାଇପାରିବ । ଏହାଦ୍ୱାରା ପ୍ରଶାସନିକ ସ୍ତରରେ ଅଯଥା ବିଳମ୍ବ ହ୍ରାସ ପାଇବା ସହ ପ୍ରକୃତ ଯୋଗ୍ୟ ହିତାଧିକାରୀ ପେନ୍‌ସନ୍ ସୁବିଧାରୁ ବଞ୍ଚିତ ହେବାର ସମ୍ଭାବନା ହ୍ରାସ ପାଇବ ବୋଲି ଉଲ୍ଲେଖ କରିଥିଲେ । ବିଶେଷକରି ବୟସ୍କ, ବିଧବା, ବିବାହୀତ ଓ ଅକ୍ଷମ ବ୍ୟକ୍ତିଙ୍କୁ ଅସୁବିଧା ଲୋକଙ୍କ ପାଇଁ ପେନ୍‌ସନ୍ ଜେବଳ ଏକ ସରକାରୀ ସାହାଯ୍ୟତା ନୁହଁ, ବରଂ ଏହା ସେମାନଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଧାର । ତେଣୁ ଯୋଗ୍ୟ ଚାଲିଛୁ ଟ୍ରିଟ ଜରି ଯୋଜନାରେ ସାମିଲ କରିବା ସହ ସେମାନଙ୍କୁ ନିୟମିତ ଭାବେ ପେନ୍‌ସନ୍ ଯୋଗାଇଦେବା ଉପରେ ଏହି ନୂତନ ବ୍ୟବସ୍ଥା ଗୁରୁତ୍ୱ ଦେବ ବୋଲି ଭୂଷାଇଛନ୍ତି । ଏହି ଅବସରରେ ବାଲିଗୁଡ଼ା ଉପଜିଲ୍ଲାପାଳ ପ୍ରତିଭା ଦାସ, ସଂଂଗଦ ପ୍ରତିନିଧି ରାଶ୍ରିତ କୁମାର ସାହୁ, ବାଲିଗୁଡ଼ା ଂଚାୟତ ସମିତି ଅଧ୍ୟକ୍ଷା ମିଥାରତା କଇଁର, ବାଲିଗୁଡ଼ା ଏନ୍‌ଏସି ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ଡେପୁଟି କଲେକ୍ଟର ସଞ୍ଜୀବ କୁମାର ରଥମାଝୀ, ବାଲିଗୁଡ଼ା ତହସିଲ ଦାୟିତ୍ୱପ୍ରାପ୍ତ ଅଧିକାରୀ ଶିବଶଙ୍କର ସାମଲ ସମେତ ବିଭିନ୍ନ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ରହି ଏହି ଉଦ୍ୟମକୁ ସ୍ୱାଗତ କରିଥିଲେ । ଏହି ଅବସରରେ ପରିବେଶ ସୁରକ୍ଷା ଓ ସବୁଜିମା ବୃଦ୍ଧି ଲକ୍ଷରେ ଏକ ଅଭିନବ ଉଦ୍ୟମ ଭାବେ ଜିଲ୍ଲା ସଦର ମହକୁମା ପ୍ରାଣୀଚ

ଓଡିଶାରତ
ଆରମ୍ଭ
SEITHO ARAMBHA
ବୁଧବାର ୧୮ ନଭେମ୍ବର, ୨୦୨୬ : ଭାଲେଶ୍ୱର : ପୃଷ୍ଠା -୬





ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ରାୟଗଡ ଜିଲ୍ଲା ପ୍ରଶାସନର ବ୍ୟାପକ ପ୍ରସ୍ତୁତି

ରାୟଗଡ, ୧୭/୧୧ (ଆ.ପ୍ର) : ସମ୍ଭାବ୍ୟ ବାତ୍ୟା ଏବଂ ଏହାର ପ୍ରଭାବରେ ସୃଷ୍ଟି ହୋଇପାରୁଥିବା ପ୍ରବଳ ବର୍ଷା, ବନ୍ୟା ଓ ଭୂସ୍ଖଳନ ପରିସ୍ଥିତିର ମୁକାବିଲା ନିମନ୍ତେ ରାୟଗଡ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଓ ପ୍ରତିଷେଧକ ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ପରିପ୍ରେକ୍ଷୀରେ ଆଜି ଜିଲ୍ଲାପାଳ ଆଶୁତୋଷ କୁଲଶ୍ରେଷ୍ଠ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ନେଇ ଏକ ପ୍ରସ୍ତୁତି ସମୀକ୍ଷା ବୈଠକ ଜିଡିଓ କନଫରେନ୍ସ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକ ପରେ ଜିଲ୍ଲାପାଳ ପତ୍ରିକାକାର କକ୍ଷ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଏକ ପ୍ରେସ୍ ବ୍ରିଫିଂ ମାଧ୍ୟମରେ ସାମ୍ବାଦିକମାନଙ୍କୁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ଓ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ । ଜିଲ୍ଲାରେ ୧୪୮ଟି ବନ୍ୟା ପ୍ରବଣ ଅଂଚଳ ଏବଂ ୫୫ଟି ଭୂସ୍ଖଳନ ପ୍ରବଣ ଅଂଚଳ ଚିହ୍ନଟ କରାଯାଇଛି । ଏହି ଅଂଚଳଗୁଡିକରେ ରହୁଥିବା ଜନସାଧାରଣଙ୍କ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଇ ମୋଟ ୯୧୦୨ ଜଣଙ୍କୁ ଆବଶ୍ୟକତା ଅନୁଯାୟୀ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ କରିବା ନିମନ୍ତେ ଯୋଜନା ପ୍ରସ୍ତୁତ ରହିଛି । ବିଶେଷକରି ପାହାଡ଼ିଆ ଅଂଚଳ, ବୃକ୍ଷଜନ ଆଶଙ୍କା ଥିବା ଜନବସତି ଓ ନଦୀ ନିକଟବର୍ତ୍ତୀ ଦିପଦଙ୍କୁଳ ଅଂଚଳରେ ନିୟମିତ ନଜର ରଖିବା ସହ ବିପଦ ଆଶଙ୍କା ଥିବା ଜନବସତିରୁ ଲୋକଙ୍କୁ ଆଶ୍ରୟ ସ୍ଥାନାନ୍ତରଣ କରିବାକୁ ସମସ୍ତ ବିଭିନ୍ନ ଓ ତହସିଲଦାରମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାରେ ୩ଟି ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ଏବଂ ୧୩୧ଟି ଅସ୍ଥାୟୀ ସୁରକ୍ଷିତ ଆଶ୍ରୟସ୍ଥଳୀ ଚିହ୍ନଟ କରାଯାଇଛି । ସମ୍ଭାବ୍ୟ ବିପଦ ସମୟରେ ଲୋକଙ୍କୁ ଏହି ଆଶ୍ରୟସ୍ଥଳୀଗୁଡ଼ିକରେ ସୁରକ୍ଷିତ ରାତେ ରଖିବା ସହ ଆବଶ୍ୟକ ଖାଦ୍ୟ, ପାନୀୟ ଜଳ, ଆଲୋକ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସୁବିଧା ଯୋଗାଇଦେବା ପାଇଁ ପ୍ରସ୍ତୁତି ଉଖାଯାଇଛି । ମଜିନା ଓ ଶିଶୁଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ଜିଲ୍ଲାରେ ୨୧୦ ଜଣ ଗର୍ଭବତୀ ମହିଳାଙ୍କୁ ଚିହ୍ନଟ କରାଯାଇଛି । ସେମାନଙ୍କୁ ଆବଶ୍ୟକତା ଅନୁଯାୟୀ ନିକଟସ୍ଥ ମା' ଗୃହ ଓ ହସ୍ପିଟାଲକୁ ପଠାଇବା ପାଇଁ ବ୍ୟବସ୍ଥା ଉଖାଯାଇଛି । ଏଥିସହ ଆସୁଥିବା ପ୍ରଶାସନ ପକ୍ଷରୁ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ ରହିଛି । ଜିଲ୍ଲାରେ ରିଜିଓ ସାମ୍ପ୍ରତୀ ଜାତେ ୧୫୩.୫୨ ଜ୍ଞିଂଟାଲ ଚୁଡ଼ା, ୧୦୭.୬୦ କ୍ୱିଂଟାଲ ଗୁଡ଼, ୨୦,୯୪୦ ପ୍ୟାକେଟ୍ ବିସ୍କୁଟ, ୮,୪୯୦ ପ୍ୟାକେଟ୍ ମହମବତୀ, ୫,୫୪୬ ପ୍ୟାକେଟ୍ ଦିଆସିଲି, ୮,୦୭୯ ଲିଟର ଜିରୋମିନ୍ ତେଲ ଏବଂ ୫୯,୧୩୨.୪୫ କ୍ୱିଂଟାଲ ଚାଉଳ ମହଜୁଦ ରହିଛି । ଆବଶ୍ୟକତା ଅନୁଯାୟୀ ଏହି ସାମଗ୍ରୀଗୁଡ଼ିକୁ ବିଭିନ୍ନ ବିପଦାପନ୍ନ ଅଂଚଳ ଓ ଆଶ୍ରୟସ୍ଥଳୀଗୁଡ଼ିକରେ ଉପଲବ୍ଧ କରାଇବା ପାଇଁ ପ୍ରସ୍ତୁତି ରହିଛି । ଜିଲ୍ଲାର ଚତ୍ରକୋଣା ଜଳସେଚନ ଜଳଶାୟର (ଜେଜୁଗୁଡ଼ା)ର ଜଳସ୍ତର ୬୯ ପ୍ରତିଶତ ଏବଂ ଜରଙ୍ଗମୁଣ୍ଡା ଜଳସେଚନ ଜଳଶାୟର ଜଳସ୍ତର ୭୯ ପ୍ରତିଶତ ରହିଛି । ସମ୍ଭାବ୍ୟ ବର୍ଷାଜୁ ଦୃଷ୍ଟିରେ ରଖି ଜଳସମ୍ପଦ ବିଭାଗ, ଜଳଶାୟଗୁଡ଼ିକର ଜଳସ୍ତର ଓ ସ୍ଥିତି ଉପରେ ନିରନ୍ତର ନଜର ରଖିବାକୁ କୁହାଯାଇଛି । ସମ୍ଭାବ୍ୟ ବର୍ଷା ଓ ପବନ ଯୋଗୁଁ ଚାଷୀମାନଙ୍କ ଅମଳ ପରେ ନଷ୍ଟ ହେବାର ଆଶଙ୍କାକୁ ଦୃଷ୍ଟିରେ ରଖି ଧାନ, ଜହ୍ନ ଓ ଅନ୍ୟାନ୍ୟ କୃଷିଜାତ ପସଲକୁ ଶୁଖୁଆ, ଜଳ ଓ ସୁରକ୍ଷିତ ସ୍ଥାନରେ ଗଚ୍ଛିତ ରଖିବା ସହ ଆବଶ୍ୟକସ୍ଥଳେ ଜଳରୋଧୀ ଅବରଣରେ ଘୋଡ଼ାଇ ରଖିବାକୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଛି । ଏନେଇ କୃଷି ବିଭାଗକୁ ଚାଷୀମାନଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ କୁହାଯାଇଛି । ଜରୁରୀକାଳୀନ ପରିସ୍ଥିତିରେ ପ୍ରଶାସନିକ କାର୍ଯ୍ୟକୁ ସୁଚାରୁରୂପେ ପରିଚାଳନା ଏବଂ ତ୍ରୁଟିର ପରବେକ୍ଷଣ ପୁଲିସିତ କରିବା ନିମନ୍ତେ ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି । ସମସ୍ତଙ୍କୁ ନିଜ ନିଜ ମୁଖ୍ୟାଳୟରେ ଉପସ୍ଥିତ ରହି ସତର୍କତାର ସହ ଦାୟିତ୍ୱ ନିର୍ବାହ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାପାଳ ଶ୍ରୀ କୁଲଶ୍ରେଷ୍ଠ ଜନସାଧାରଣଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ସମସ୍ତ ବିଭାଗ ମଧ୍ୟରେ ଉତମ ସମନ୍ୱୟ ରକ୍ଷା କରି ଯେକୌଣସି ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ଅଧିକାରୀମାନଙ୍କୁ କହିଥିଲେ । ଜନସାଧାରଣଙ୍କ ସୁବିଧା ଓ ଜରୁରୀ ସହାୟତା ନିମନ୍ତେ ଜିଲ୍ଲା ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷର ଯୋଗାଯୋଗ ନମ୍ବର ହେଉଛି ୦୬୮୫୬-୨୨୪୦୬୨ / ୨୨୪୦୮୨ ଏବଂ ଟୋଲ୍ ଫ୍ରି ନମ୍ବର ୧୦୭୨ । ଯେକୌଣସି ଜରୁରୀ ପରିସ୍ଥିତିରେ ଜନସାଧାରଣ ଏହି ନମ୍ବରଗୁଡ଼ିକରେ ଯୋଗାଯୋଗ କରିପାରିବେ । ଏଥିସହ ଜନସାଧାରଣଙ୍କୁ ଆତଙ୍କିତ ନହୋଇ ପ୍ରଶାସନ ପକ୍ଷରୁ ଜାରି ସତର୍କ ସୂଚନା ଓ ନିର୍ଦ୍ଦେଶାବଳୀ ପାଳନ କରିବା ସହ ଆବଶ୍ୟକସ୍ଥଳେ ସ୍ଥାନାନ୍ତରଣ ପ୍ରକ୍ରିୟାରେ ପ୍ରଶାସନକୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି ।




ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ

ପାରଳାଖେମୁଣ୍ଡି, ୧୭/୧୧ (ଆ.ପ୍ର) : ଆଜି ଗଜପତି ଜିଲ୍ଲା ସରକ ମହକୁମା ସ୍ଥିତ ଗ୍ରାମାଣ ଆମ୍ବେନ୍ସିୁଲ୍ଲି ପ୍ରଶିକ୍ଷଣ ଅନୁଷ୍ଠାନ ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରାତେ ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଶ୍ରୁଷ୍ଟା ଉଗତ ସାମଲ ଜଲ୍ୟାଣରାଓ ଯୋଗଦାନ କରି ନିଜ ଉଦ୍ଭବାରେ ଜଣାଇଥିଲେ ଯେ, ଜିଲ୍ଲା ସମସ୍ତ ଗଣମାଧ୍ୟମ ପ୍ରତିନିଧି ନିଜ କର୍ତବ୍ୟକୁ ନିଷ୍ଠାର ସହ ପାଳନ କରୁଛନ୍ତି । ଜିଲ୍ଲାର ଦୁର୍ଗମ ଓ ଅପଞ୍ଚଳ ଗ୍ରାମାଚଳୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ପ୍ରତ୍ୟେକ ଅଂଚଳର ଗୁରୁତ୍ୱପୂର୍ଣ୍ଣ ଖବର ସଂଗ୍ରହ କରି ଲୋକଙ୍କ ନିକଟରେ ପହଂଚାଇଛନ୍ତି । ସେହିପରି ବନ୍ୟା, ବାତ୍ୟା ଓ ଅନ୍ୟାନ୍ୟ ବିପର୍ଯ୍ୟୟ ସମୟରେ ମଧ୍ୟ ଖରା, ବର୍ଷା ଓ ଶୀତ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ପଶ୍ଚାତିକ ଅତିଥି ରାବରେ ବରିଷ୍ଠ ସାମ୍ବାଦିକ ଗୁରୁତ୍ୱପ୍ରସାଦ ଚୌଧୁରୀ, ବସନ୍ତ କୁମାର ପଣ୍ଡା, ପ୍ରଜଜ କୁମାର ପଟ୍ଟାୟକ ଯୋଗ ଦେଇଥିବା ବେଳେ ଜିଲ୍ଲାର ସୂଚନା ଓ ସଚେତନତାର ବାର୍ତା ପହଂଚାଇଛନ୍ତି । ଏ କ୍ଷେତ୍ରରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ । ଜିଲ୍ଲାର ବିକାଶ ଓ ଜନସଚେତନତା ସୃଷ୍ଟି କରିବାରେ ଗଣମାଧ୍ୟମର ଅବଦାନ ଅତୁଳନୀୟ । ଜିଲ୍ଲା ପ୍ରଶାସନକୁ ବିଭିନ୍ନ ସମୟରେ ସହଯୋଗ କରି ଆସୁଥିବା ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ ଯେତେ ପ୍ରଶଂସା କଲେ ମଧ୍ୟ ତାହା କମ୍ ହେବ । ସେହିପରି ପ୍ରଶାସନକୁ ପ୍ରତି ସମୟରେ ସହଯୋଗ କରୁଥିବା ସମସ୍ତ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ବେଶ୍ ପ୍ରଶଂସା କରିଥିଲେ । ଏହି ଉପଲକ୍ଷେ 'ସାମ୍ବାଦିକତା : ଲୋକପ୍ରିୟତା ବନାମ କର୍ତ୍ତବ୍ୟବୋଧ' ଶୀର୍ଷକ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ପଶ୍ଚାତିକ ଅତିଥି ରାବରେ ବରିଷ୍ଠ ସାମ୍ବାଦିକ ଗୁରୁତ୍ୱପ୍ରସାଦ ଚୌଧୁରୀ, ବସନ୍ତ କୁମାର ପଣ୍ଡା, ପ୍ରଜଜ କୁମାର ପଟ୍ଟାୟକ ଯୋଗ ଦେଇଥିବା ବେଳେ ଜିଲ୍ଲାର ସୂଚନା ଓ ସଚେତନତାର ବାର୍ତା ପହଂଚାଇଛନ୍ତି । ଏ କ୍ଷେତ୍ରରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ । ଜିଲ୍ଲାର ବିକାଶ ଓ ଜନସଚେତନତା ସୃଷ୍ଟି କରିବାରେ ଗଣମାଧ୍ୟମର ଅବଦାନ ଅତୁଳନୀୟ । ଜିଲ୍ଲା ପ୍ରଶାସନକୁ ବିଭିନ୍ନ ସମୟରେ ସହଯୋଗ କରି ଆସୁଥିବା ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ ଯେତେ ପ୍ରଶଂସା କଲେ ମଧ୍ୟ ତାହା କମ୍ ହେବ । ସେହିପରି ପ୍ରଶାସନକୁ ପ୍ରତି ସମୟରେ ସହଯୋଗ କରୁଥିବା ସମସ୍ତ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ବେଶ୍ ପ୍ରଶଂସା କରିଥିଲେ । ଏହି ଉପଲକ୍ଷେ 'ସାମ୍ବାଦିକତା : ଲୋକପ୍ରିୟତା ବନାମ କର୍ତ୍ତବ୍ୟବୋଧ' ଆଜନ୍ତ ଓ ପ୍ରତାପ କୁମାର ରଥ ସହଯୋଗ କରିଥିଲେ ।



ନବରଙ୍ଗପୁର ଜିଲ୍ଲାରେ ଅବକାରୀ ବିଭାଗର ବ୍ୟାପକ ଚଢ଼ାଉ



ନବରଙ୍ଗପୁର, ୧୭/୧୧ (ଆ.ପ୍ର) : ଜିଲ୍ଲାରେ ବେଆଇନ ମଦ ପ୍ରସ୍ତୁତି, ଚୋରା ଚାଲାଣ ଓ ବିକ୍ରୀ ଉପରେ ରୋକ ଲଗାଇବା ସହ ଅବକାରୀ ଅପରାଧ ନିୟନ୍ତ୍ରଣ ନିମନ୍ତେ ଜିଲ୍ଲାପାଳ ମଧୁମିତା ଏବଂ ଆରକ୍ଷୀ ଅଧୀକ୍ଷକ ଜାଶ୍ୱପ ପାର୍ଥ ଜରଦାଶ୍ରଙ୍କ ନିର୍ଦ୍ଦେଶକ୍ରମେ ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ୧୬ ନଭେମ୍ବର ୨୦୨୬ ତାରିଖରେ ସ୍ପେଚ୍ଚ ଚଢ଼ାଉ ଓ ଯାଂଚ ଅଭିଯାନ କରାଯାଇଥିଲା । ଅବକାରୀ ଅଧୀକ୍ଷକ ପ୍ରତାପ କୁମାର ଦାସଙ୍କ ତତ୍ତାବଧାନରେ ମୋବାଇଲ୍ ୟୁନିଟ୍, ନବରଙ୍ଗପୁର ଅବକାରୀ ରେଞ୍ଜ ଏବଂ ନବରଙ୍ଗପୁର, କୋଡ଼ିନ୍ଦା ଓ ରାଇଗଡା ଅବକାରୀ ଥାନାର ଅଧିକାରୀ ଓ କର୍ମଚାରୀମାନେ ସାମିଲ ହୋଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ । ଏହି ଚଢ଼ାଉ ସମୟରେ ମୋଟ ୫ଟି ଅବକାରୀ ମାମଲା ରୁଜୁ କରାଯିବା ସହ ୭୫୫ ଲିଟର ବେଆଇନ ଦେଶୀ ମଦ ଏବଂ ୬୪୦୦ ଲିଲୋଗ୍ରାମ ମଦ ପ୍ରସ୍ତୁତିରେ ବ୍ୟବହୃତ ପୋତ୍ କଢତ କରାଯାଇଛି । ଅଗ୍ରିମ ଚାଲାଣ ଓ ବିକ୍ରୀ ଜରିଆରେ କୌଣସି ବ୍ୟକ୍ତିଙ୍କୁ ଗିରଫ କରି ଅଦାଲତକୁ ପଠାଯାଇଥିବା ବେଳେ ୨ ଜଣଙ୍କୁ ଜାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୩୫(୩) ଅନୁଯାୟୀ ନୋଟିସ୍ ଜାରି କରାଯାଇଛି । ଅବକାରୀ ମୋବାଇଲ୍ ୟୁନିଟ୍ ପକ୍ଷରୁ ଗୋଟିଏ ମାମଲା ରୁଜୁ କରାଯାଇ ୩୬୦ ଲିଟର ବେଆଇନ ଦେଶୀ ମଦ ଓ ୨୮୦୦ ଲିଲୋଗ୍ରାମ ପୋତ୍ କଢତ କରାଯାଇଥିଲା । ସେହିପରି ନବରଙ୍ଗପୁର ଅବକାରୀ ରେଞ୍ଜ ପକ୍ଷରୁ ଗୋଟିଏ ମାମଲା ରୁଜୁ କରାଯିବା ସହ ୧୭ ଲିଟର ବେଆଇନ ଦେଶୀ ମଦ ଜବତ କରାଯିବା ସହ ଜଣେ ବ୍ୟକ୍ତିଙ୍କୁ ଧାରା ୩୫(୩) ଭାରତୀୟ ନାଗରିକ ସୁରକ୍ଷା ସଂହିତା ଅନୁଯାୟୀ ନୋଟିସ୍ ଜାରି କରାଯାଇଥିଲା । ଅନ୍ୟପକ୍ଷରେ, ନବରଙ୍ଗପୁର ଅବକାରୀ ଥାନା ପକ୍ଷରୁ ଗୋଟିଏ ମାମଲାରେ ୩୩୨୦ ଲିଟର ବେଆଇନ ଦେଶୀ ମଦ ଓ ୨୯୦୦ ଲିଲୋଗ୍ରାମ ପୋତ୍, କୋଡ଼ିନ୍ଦା ଅବକାରୀ ଥାନା ପକ୍ଷରୁ ୮ ଲିଟର ବେଆଇନ ଦେଶୀ ମଦ ଓ ୨୩୦୦ ଲିଲୋଗ୍ରାମ ପୋତ୍, ଜବତ କରାଯାଇଥିଲା । ଜିଲ୍ଲାରେ ବେଆଇନ ମଦ ପ୍ରସ୍ତୁତି ଓ କାରବାରକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିବା ଦିଗରେ ଅବକାରୀ ବିଭାଗ ନିୟମିତ ଭାବେ ନଜର ରଖିଛି । ଏଥିସହ ଏଭଳି ବେଆଇନ କାର୍ଯ୍ୟକଳାପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ କଠୋର ପଦକ୍ଷେପ ଗ୍ରହଣ କରାଯିବା ସହ ଆଗାମୀ ଦିନରେ ମଧ୍ୟ ଜିଲ୍ଲାର ବିଭିନ୍ନ ଅଂଚଳରେ ଚଢ଼ାଉ ଓ ଯାଂଚ ଅଭିଯାନକୁ ଅଧିକ ଜୋରଦାର କରାଯିବ ।

ଓଲା ଇଲେକ୍ଟ୍ରିକ୍‌କୁ ଉପଭୋକ୍ତା କମିଶନଙ୍କ ଝଟକା:
ତ୍ରୁଟିପୂର୍ଣ୍ଣ ସ୍କୁଟର ପାଇଁ ଗ୍ରାହକଙ୍କୁ ଟଙ୍କା ଫେରାଇବାକୁ ନିର୍ଦ୍ଦେଶ

ବ୍ରହ୍ମପୁର, ୧୭/୧୧ (ଆ.ପ୍ର) : ତ୍ରୁଟିପୂର୍ଣ୍ଣ ଇଲେକ୍ଟ୍ରିକ୍ ସ୍କୁଟର ବିକ୍ରି ଓ ମରାମତି ମାମଲାରେ ସତ୍ୱେ ସମସ୍ୟାର ସମାଧାନ ନହେବା ମାମଲାରେ ଓଲା ଇଲେକ୍ଟ୍ରିକ୍‌କୁ ଝଟକା ଦେଇଛନ୍ତି ଗଞ୍ଜାମ ଜିଲ୍ଲା ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗ । ଗ୍ରାହକ ଜଣଙ୍କୁ ପାଣ୍ଠାଙ୍କ ଅଭିଯୋଗର ବିଚାର କରି ଆୟୋଗ ଓଲା ଇଲେକ୍ଟ୍ରିକ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କ ସମେତ ତିନି ପ୍ରତିପକ୍ଷଙ୍କୁ ମିଳିତ ଓ ପୃଥକ୍ ଭାବେ ଦୋଷୀ ସାବ୍ୟସ୍ତ କରିଛନ୍ତି । ମାମଲାର ବିବରଣୀ ଅନୁଯାୟୀ, ଅଭିଯୋକାରିଣୀ ୨୦୨୩ ଡିସେମ୍ବର ୨୧ ତାରିଖରେ ଓଲା ୫୧ ବଚ୍ଚକ୍ (ଦ୍ୱିତୀୟ ଜେନେରେସନ୍) ସ୍କୁଟର କିଣିଥିଲେ । କିନ୍ତୁ ଗାଡ଼ି କିଣିବାର ମାତ୍ର ୨୫ରୁ ୩୦ ଦିନ ମଧ୍ୟରେ ଷ୍ଟାର୍ଟିଂ ସମସ୍ୟା, ଡିସପ୍ଲେ ବନ୍ଦ ହୋଇଯିବା, ବ୍ୟାଟେରୀ ତ୍ରୁଟି ଏବଂ ଚାଲୁଥିବା ସମୟରେ ହଠାତ୍ ଗାଡ଼ି ବନ୍ଦ ହୋଇଯିବା ଭଳି ସମସ୍ୟା ଦେଖାଦେଇଥିଲା । ବାରମ୍ବାର ସର୍ଭିସିଂ ଓ ମରାମତି ପରେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ହୋଇନଥିଲା । ଏନେଇ ଗ୍ରାହକଙ୍କ ପକ୍ଷରୁ ଆଇନଗତ ନୋଟିସ୍ ଦିଆଯାଇଥିଲେ ମଧ୍ୟ କମ୍ପାନୀ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇନଥିଲା । ଶେଷରେ ୨୩ ଅଗଷ୍ଟ ୨୦୨୪ରେ ଗଞ୍ଜାମ ଜିଲ୍ଲା ଉପଭୋକ୍ତା ଆୟୋଗରେ ମାମଲା ଦାୟର ହୋଇଥିଲା । ମାମଲାର ଶୁଣାଣି ସମୟରେ କମ୍ପାନୀ ପକ୍ଷରୁ ତ୍ରୁଟି ଅଭିଯୋଗକୁ ଖଣ୍ଡନ କରାଯାଇଥିଲେ ମଧ୍ୟ କମିଶନ ଉଭୟ ପକ୍ଷର ଦଲିଲ, ଇମେଲ୍, ଜବ୍ କାର୍ଡ ଏବଂ କମ୍ପାନୀର ନିଜସ୍ୱ ସର୍ଭିସ୍ ରେକର୍ଡକୁ ଅନୁଧ୍ୟାନ କରିଥିଲେ । ଏହାପରେ ଅଭିଯୋକାରିଣୀଙ୍କ ପକ୍ଷରୁ ଆଇନଜୀବୀ ସୁମୀତ କୁମାର ପଟ୍ଟନାୟକ ଓ ଜି.ଏଣ୍.ରାଓ ଦୋରା ମାମଲା ପରିଚାଳନା କରିଥିବା ବେଳେ କମ୍ପାନୀ ପକ୍ଷରୁ ଆଇନଜୀବୀ ବିପ୍ଲ ପ୍ରସାଦ ସାହୁ ଉପସ୍ଥିତ ଥିଲେ । ଗଞ୍ଜାମ ଜିଲ୍ଲା ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗର ସଭାପତି ସତୀଶ କୁମାର ପାଣ୍ଡିଗ୍ରାହୀ ଓ ସଦସ୍ୟା ସରିତା ପଟ୍ଟନାୟକଙ୍କ ଖଣ୍ଡପୀଠ ୨ ନଭେମ୍ବର ୨୦୨୬ରେ ଏହି ରାୟ ପ୍ରଦାନ କରିଛନ୍ତି ।



ଟିକାବାଲିରେ ଦିବ୍ୟାଙ୍ଗଜନଙ୍କ ପାଇଁ ଚିକିତ୍ସା ମୂଲ୍ୟାୟନ ଓ ସହାୟକ ଉପକରଣ ବଂଟନ ଶିବିର

ଟିକାବାଲି, ୧୭/୧୧ (ଆ.ପ୍ର) : ଦିବ୍ୟାଙ୍ଗ ଶିଶୁ ଓ ଆବଶ୍ୟକତା ଥିବା ଦିବ୍ୟାଙ୍ଗମାନଙ୍କୁ ସହାୟତା ପ୍ରଦାନ କରିବା ସହ ସେମାନଙ୍କୁ ସାମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଉଦ୍ଦେଶ୍ୟରେ ଟିକାବାଲି ବିଆରସିସି ଭଲ୍ଲାରେ ଏକ ଚିକିତ୍ସା ମୂଲ୍ୟାୟନ ଓ ସହାୟକ ଉପକରଣ ବଂଟନ ଶିବିର ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ସମନ କେନ୍ଦ୍ର ସଂଯୋଜକ ଗଣେଶ୍ୱର କଦ୍ଦିର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିନଦିନୀ ସାମଲ, ଗୋଷ୍ଠୀ ସମ୍ବଳ ଶିକ୍ଷକ ଶୁଭେନ୍ଦୁ ମହାପାତ୍ର ଓ ଅତିଥୀ ସାହୁଙ୍କ ସମେତ ସିଆରସିସି ଅରବିନ୍ଦ ମହାପାତ୍ର, ପଦିତ୍ର ସାହୁ, ବିଶ୍ୱ ପ୍ରସାଦ ହୋତା, ଲାଲମୋହନ ଜଦ୍ଦିର ଓ ଚେତାନା ରାଣୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ସମଗ୍ର ଶିକ୍ଷା, ଜଳମାନ ପକ୍ଷରୁ ଆୟୋଜିତ ଏହି ଶିବିରରେ ଦିବ୍ୟାଙ୍ଗଜନଙ୍କ ଆବଶ୍ୟକତା ଅନୁଯାୟୀ ଚିକିତ୍ସାଗତ ମୂଲ୍ୟାୟନ କରାଯିବା ସହ ହ୍ୱିଲ୍ ଚେୟାର, ଶ୍ରବଣ ଯନ୍ତ୍ର, ଆଣ୍ଠାଗାଡ଼ି, ଚାଲିବା ପାଇଁ ସହାୟକ ଉପକରଣ ଓ ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରୀ ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଇଥିଲା । ଏହି ପଦକ୍ଷେପ ଦ୍ୱାରା ଦିବ୍ୟାଙ୍ଗ ଶିଶୁମାନଙ୍କ ଗତିଶୀଳତା, ଶିକ୍ଷାଗ୍ରହଣ ଓ ଦୈନନ୍ଦିନ ଜୀବନକୁ ଅଧିକ ସହଜ ଓ ସ୍ୱାଭାବିକ କରିବା ସହ ସମାଜରେ ଶିକ୍ଷାର ପରିବଳନାକୁ ସୁଦୃଢ଼ କରିବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ବାଧାମୁକ୍ତ ସମାଜ ଗଠନ ଓ ସମସ୍ତଙ୍କ ପାଇଁ ସମାନ ସୁଯୋଗ ସୃଷ୍ଟି କରିବା ଦିଗରେ ଏହି ପଦକ୍ଷେପ ଏକ ସ୍ମରଣୀୟ ଉଦ୍ୟମ ।



ଦୁଇ ଧଳା ଜହର ବେପାରୀ ଗିରଫ



ପାରାଦୀପ, ୧୭/୧୧ (ଆ.ପ୍ର) : ପାରାଦୀପ ଲଲ୍ ପୋଲିସ ଦେଆଇନ ବ୍ରାଉନ୍ ସୁଗାର ବ୍ୟବସାୟ ବିରୁଦ୍ଧରେ ବଡ଼ ସଫଳତା ହାସଲ କରିଚାଲିଛି । ପାରାଦୀପ ଡିଏଲ ଚାରାହୁ କୁମାର ପାତ୍ର, ଲଲ୍ ଥାନା ଅଧିକାରୀ ଉଶ୍ରୀରଞ୍ଜନ ଦାଶ ତତ୍ତାବଧାନରେ ଜଗତସିଂପୁର ଏସିଜ ନିର୍ଦ୍ଦେଶ ଅନୁଯାୟୀ ବ



ସମ୍ବାଦପତ୍ର
ଆରମ୍ଭ
SEITHO ARAMBHA



ବୁଧବାର ୧୮ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

ଜାତୀୟ ପ୍ରେସ ଦିବସରେ ମିଡ଼ିଆ କ୍ଲବ୍ ତରଫରୁ ପ୍ରଶାସନିକ ଅଧିକାରୀଙ୍କୁ ସମ୍ମାନିତ
ଅର୍ଣ୍ଣବ ବାତ୍ୟା ସମୟରେ ନିଷ୍ଠାପର ସେବା ପାଇଁ ୫ ପ୍ରଶାସନିକ ଅଧିକାରୀଙ୍କୁ ସମ୍ମାନିତ

ଜି.ଉଦୟଗିରି, ୧୭/୧୧ (ଆ.ପ୍ର) : ଜାତୀୟ ପ୍ରେସ ଦିବସ ଅବସରରେ ଜି.ଉଦୟଗିରି ମିଡିଆ କ୍ଲବ ତରଫରୁ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ମାନଙ୍କୁ ସମ୍ମାନିତ କରାଯାଇଛି । ଚଳିତ ବର୍ଷ ଅର୍ଣ୍ଣବ ବାତ୍ୟା ସମୟରେ ଅଂଚଳବାସୀଙ୍କ ଜୀବନ ସୁରକ୍ଷା ତଥା ବାତ୍ୟା ବିପର୍ଯ୍ୟୟକୁ ସହାୟତା ପ୍ରଦାନ କରିବାରେ ନିଷ୍ଠା, ସାହସ ଓ ମାନବିକତାର ପରିଚୟ ଦେଇଥିବା ପାଞ୍ଚ ଜଣ ପ୍ରଶାସନିକ ଅଧିକାରୀଙ୍କୁ କ୍ଲବ୍ ପକ୍ଷରୁ ସମ୍ମାନପତ୍ର ପ୍ରଦାନ କରାଯାଇଛି । ବାତ୍ୟାରେ ଜଳମଗ୍ନ ଗଞ୍ଜାମ ସୀମାନ୍ତ ଗିଡ଼ିପାଡାଲି ଗ୍ରାମରେ ହୋଇଥିବା ଭୂତଳନ ରେ ନିଖୋଜ ଗ୍ରାମବାସୀ ଙ୍କୁ ଉଦ୍ଧାର କରିବା ପାଇଁ ସମସ୍ତ ଅଧିକାରୀ ଅଦମ୍ୟ ସାହସ ଦେଖେଇଥିଲେ । ଜି.ଉଦୟଗିରି ଗିଡ଼ିପାବାଲି ଗ୍ରାମର ଭୂତଳନରେ



ତହସିଲଦାର ସମୁଦ୍ର ମିଶ୍ର, ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅ ଧି କା ରୀ ସତ୍ୟନାରାୟଣ ମିଶ୍ର, ବିଜ୍ଞାପିତ ଅଂଚଳ ପରିଷଦର ଜାର୍ଯ୍ୟନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ ଜର, ଆଦର୍ଶ ଥାନା ଅଧିକାରୀ ବିଜୟ କୁମାର ସ୍ୱାଇଁ ଏବଂ ଅତିରିକ୍ତ ତହସିଲଦାର ଦେବାଶିଷ ଜେନା । ଅର୍ଣ୍ଣବ ବାତ୍ୟା ସମୟରେ ଜି.ଉଦୟଗିରି ଓ ଏହାର ଆଖପାଖ ଅଂଚଳରେ ପ୍ରବଳ ବର୍ଷା, ଭୂସ୍ଖଳନ, ରାସ୍ତାଘାଟ କ୍ଷତିଗ୍ରସ୍ତ ହେବା ସହ ଅନେକ ପରିବାର ବିଜିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥିବା ଭୂସ୍ଖଳନ ରେ ନିଖୋଜ ଗ୍ରାମବାସୀ ଙ୍କୁ ଉଦ୍ଧାର କରିବା ପାଇଁ ସମସ୍ତ ଅଧିକାରୀ ଅଦମ୍ୟ ସାହସ ଦେଖେଇଥିଲେ । ଜି.ଉଦୟଗିରି ଗିଡ଼ିପାବାଲି ଆଶ୍ରୟ ସ୍ଥଳରେ ରହିଥିବା ୧୩ ଜଣ ନିଖୋଜଙ୍କ ଉଦ୍ଧାର କରିବା କାର୍ଯ୍ୟରେ ଦିନରାତି ରହି ପରିଶ୍ରମ କରିଥିଲେ । ଏଭଳି ଜଟିଳ ପରିସ୍ଥିତିରେ ପ୍ରଶାସନିକ ଅଧିକାରୀ ମାନେ ଦିନରାତି ଏକ ଜରି ବିପନ୍ନ ଲୋକଙ୍କ ଜିଜତରେ ପହଂଚିବା, ଉଦ୍ଧାର ଓ ଜିଜିପ୍ କାର୍ଯ୍ୟରେ ସହଯୋଗ କରିବା, ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ଏବଂ ବିଜିନ୍ନ ସରକାରୀ ସହାୟତା ପହଂଚାଇବାରେ ନିଜର ଦାୟିତ୍ୱ ନିଷ୍ଠାର ସହ ତୁଲାଇଥିଲେ । ବିପଦପୂର୍ଣ୍ଣ ପରିସ୍ଥିତିରେ ନିଜ ସୁରକ୍ଷାକୁ ମଧ୍ୟ ସୁତୁରୁ ନତେଇ ରୋଷେଇ ସେବାରେ ନିୟୋଜିତ ରହିଥିବା ଏହି ଅଧିକାରୀମାନଙ୍କୁ ଜାର୍ଯ୍ୟକୁ ଜି.ଉଦୟଗିରି ମିଡିଆ କ୍ଲବ ତରଫରୁ ପ୍ରଶଂସା କରାଯାଇଛି । ଜାତୀୟ ପ୍ରେସ ଦିବସ ଭଜି ଏକ ଗୁରୁତ୍ୱପୂର୍ଣ୍ଣ ଦିବସରେ କେବଳ ସାମ୍ବାଦିକତାର ଭୂମିକାକୁ ସ୍ମରଣ କରିବା ସମାଜ ପାଇଁ ଉଲ୍ଲେଖନୀୟ ସେବା କରିଥିବା ବ୍ୟକ୍ତିତ୍ୱଙ୍କୁ ସମ୍ମାନର ସ୍ୱାକୃତି ଦେବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । କାର୍ଯ୍ୟକ୍ରମରେ ମିଡିଆ କ୍ଲବ୍ ସଭାପତି ଅରୁଣ କୁମାର ଷଡ଼ଙ୍ଗୀ ଅଧ୍ୟକ୍ଷତା କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଉପସଭାପତି ଗଗନ କୁମାର ପ୍ରଧାନ, ସାଂଗଠନିକ ଚିନ୍ତୁୟ କୁମାର ସେଠୀ, ସହସମ୍ପାଦକ ଅଜନୀ କୁମାର ପ୍ରଧାନ, କୋଷାଧ୍ୟକ୍ଷ ଆଶୁତୋଷ କୁମାର ସାହୁ, ବରିଷ୍ଠ ସାମ୍ବାଦିକ ସମୀର କୁମାର ପାତ୍ରୀ,ଜାଇନା ପ୍ରିୟଦର୍ଶିନୀ, ସାମନ୍ତ ଶେଖର ନାୟକ, ବିନୋଦ କୁମାର ପଣ୍ଡା, ସହଯୋଗୀ ଶଙ୍କର ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଏହି ଉଦ୍ୟମକୁ ସଫଳ କରିଥିଲେ । ଜାତୀୟ ପ୍ରେସ ଦିବସରେ ମିଡିଆ କ୍ଲବର ଏହି ପଦକ୍ଷେପକୁ ସାଧାରଣରେ ଏକ ସକରାତ୍ମକ ଚିନ୍ତାଧାରାର କାର୍ଯ୍ୟ ପାଇଁ ଉଦ୍ୟମ ଭାବେ ଦେଖାଯାଇଥିବା ବେଳେ ବିପଦ ସମୟରେ ଲୋକଙ୍କ ପାଖରେ ଠିଆ ହେଉଥିବା ମାନବିକତାପୂର୍ଣ୍ଣ ପ୍ରଶାସନିକ ସେବାକୁ ଏକା ସାଥିରେ ଜଣାଇବ ଦେଖି ଆଶା ପ୍ରକାଶ ପାଇଛି ।

ନବରଙ୍ଗପୁରରେ ଜିଲ୍ଲାସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ, ଆସନ୍ତାକାଲି ଅନୁଷ୍ଠିତ ହେବ କୁଇଜ୍ ପ୍ରତିଯୋଗିତା


ନବରଙ୍ଗପୁର, ୧୭/୧୧ (ଆ.ପ୍ର) : ନିର୍ବାଚନ ସମ୍ପର୍କିତ ସଚେତନତାମୂଳକ ବାର୍ତ୍ତା ଓ ଆକର୍ଷଣୀୟ ଜନାକୃତି ପ୍ରତିଛବି ହୋଇଥିଲା । ଏହି ଅବସରରେ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମଳ, ଉପଜିଲ୍ଲାପାଳ ପ୍ରଜାଶ କୁମାର ମିଶ୍ର, ଉପଜିଲ୍ଲାପାଳ କାର୍ଯ୍ୟାଳୟର ନିର୍ବାଚନ ପରିଚାଳନା ଜିଲ୍ଲାପାଳ ବିପ୍ଳବ ସାହୁ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରସନ୍ନାଦ ଖୋସଲା ଉପସ୍ଥିତ ରହି ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ସେହିପରି ଆସନ୍ତାକାଲି, ୧୮ ନଭେମ୍ବର



ପ୍ରବନ୍ଧ ମାଧ୍ୟମରେ ବିଜିନ୍ନ ସଚେତନତାମୂଳକ ବାର୍ତ୍ତା ଓ ଆକର୍ଷଣୀୟ ଜନାକୃତି ପ୍ରତିଛବି ହୋଇଥିଲା । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମଳ, ଉପଜିଲ୍ଲାପାଳ ପ୍ରଜାଶ କୁମାର ମିଶ୍ର, ଉପଜିଲ୍ଲାପାଳ କାର୍ଯ୍ୟାଳୟର ନିର୍ବାଚନ ପରିଚାଳନା ଜିଲ୍ଲାପାଳ ବିପ୍ଳବ ସାହୁ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରସନ୍ନାଦ ଖୋସଲା ଉପସ୍ଥିତ ରହି ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ସେହିପରି ଆସନ୍ତାକାଲି, ୧୮ ନଭେମ୍ବର ୨୦୨୬ (ବୁଧବାର) ଦିନ ନବରଙ୍ଗପୁର ମହାବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏହି ପ୍ରତିଯୋଗିତାରେ ମଧ୍ୟ ଜିଲ୍ଲାର ବିଜିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ମନୋନୀତ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିବେ । ଏଭଳି ପ୍ରତିଯୋଗିତା ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜ୍ଞାନ, ସୃଜନଶୀଳତା, ସୁସ୍ଥ ପ୍ରତିଯୋଗିତାମୂଳକ ମନୋଭାବ ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟା ପ୍ରତି ସଚେତନତାମୂଳକ ଆଗ୍ରହ ସୃଷ୍ଟି କରିବା ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ।

ନାବାର୍ଡ ପ୍ରୟୋଜିତ ବଡ଼ହନ୍ତୁଆଡ଼ ଏସସିଏସ ଆୟୋଜିତ ଆର୍ଥିକ ଡିଜିଟାଲ ସେବା ସାକ୍ଷର ଅଭିଯାନ

ତିଲିକା /ବାଣପୁର, ୧୭/୧୧ (ଆ.ପ୍ର) : ଖୋର୍ଦ୍ଧା ଜେନ୍ଦ୍ର ସମବାୟ ବ୍ୟାଙ୍କ ବାଣପୁର ଶାଖା ଅଧୀନରେ ଜାର୍ଯ୍ୟତ ବଡ଼ହନ୍ତୁଆଡ଼ କୃଷି ସେବାସମବାୟ ସମିତିର ସମସ୍ତ ସଭ୍ୟସଭ୍ୟା ଓ ହିତାଧିକାରୀମାନଙ୍କୁ ନେଇ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଦ୍ୱାରା ବ୍ୟାଙ୍କ ମାଧ୍ୟମରେ କରାଯାଇଥିବା ଜନହିତକାରୀ କାର୍ଯ୍ୟକ୍ରମକୁ ମଙ୍ଗଳ ବାରଡିନ ବାଣପୁର ପରଜନ୍ତ ପଡିଆ ପୂଜାମଣ୍ଡପ ସଭାାଙ୍ଗଣରେ ନାବାର୍ଡର୍ ଆସିଥିବା କୋଡିନେଟର ସନ୍ତୋଷ ପଣ୍ଡା ଓ ବଡ଼ହନ୍ତୁଆଡ଼ ସେବା ସମବାୟ ସମିତିର ସଂମାଦକ ପ୍ରସନ୍ନକୁମାର ପଟ୍ଟନାୟକଙ୍କ ଆବାହକତ୍ୱରେ ବ୍ୟାଙ୍କ ମାଧ୍ୟମରେ କରାଯାଇଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଆର୍ଥିକ ଡିଜିଟାଲ ସେବାର ସଚେତନତା କାର୍ଯ୍ୟକ୍ରମ ଶତାଧିକ ହିତାଧିକାରୀଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ସେବାସମବାୟ ସମିତି ସଭାପତି ମାଧବଚନ୍ଦ୍ର ବାଗିଜ, ବାଣପୁର ଶାଖା ସୁପରଭାଇଜର ସଂଗ୍ରାମ କେଶରୀ ମହାପାତ୍ର, ନାବାର୍ଡ ସହାୟିକା ମଧୁସ୍ମିତା ସାହୁ ପ୍ରମୁଖ



ଯୋଗଦେଇଥିଲେ । ଜିଜର୍ ବ୍ୟାଙ୍କ ଅଫ ଇଣ୍ଡିଆ, ନବାର୍ଡ ଏବଂ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ମିଳିତ ସହଯୋଗରେ ଚାଲୁଥିବା ଆର୍ଥିକ ସାକ୍ଷରତା ପ୍ରୋଜେକ୍ଟ କୁ ଜନାଭିମୁଖୀ କରିବା ଉଦ୍ଦେଶ୍ୟରେ ଆର୍ଥିକ ଓ ଡିଜିଟାଲ ସାକ୍ଷରତା ଶିବିର ଅନୁଷ୍ଠିତ କରାଯାଇ ଏହା ମାଧ୍ୟମରେ ବିଜିନ୍ନ ଦର୍ଯ୍ୟର ସାଧାରଣ ଜନତାଙ୍କୁ ସଚେତନତା କରାଇବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ । ଉକ୍ତ ଶିବିରରେ ଉପସ୍ଥିତ ଥିବା ସମସ୍ତଙ୍କୁ ନବାର୍ଡ ରୁ ଆସିଥିବା ସଚ୍ଚୋଷ କୁମାର ପଣ୍ଡା ସାଇବର ଫ୍ରାଡ ସଚର୍କତା, ବ୍ୟାଙ୍କରେ ନେଇ ଦେଣ, ଋଣ ନେବା ଏବଂ ଦେବା, ବୀମା ଆଦି ଉଭୟ ସରକାରଙ୍କ ଦ୍ୱାରା ପ୍ରଦତ ସରକାରୀ ସୁବିଧା ଆଦି ସଂପର୍କରେ ଦୁଇଘଂଟାରୁ ଊର୍ଦ୍ଧ୍ୱ ସମୟ ଧରି ବୁଝାଇଥିଲେ ଏବଂ ଉପସ୍ଥିତ ସଭ୍ୟମାନଙ୍କ ପ୍ରଶ୍ନର ଉତର ମଧ୍ୟ ଦେଇଥିଲେ । ଏପିଡ୍ୟାଲ, ପିଏମଏସବି ଡ୍ୟାଲ, ପିଏମଜେଜ୍ୟୋଲର ଅନ୍ତର୍ଭୁକ୍ତ ବୟସ ସୀମା ଏବଂ ବ୍ୟାଙ୍କରେ ସଭ୍ୟ ରୁଲ୍ଭ ହେବାପାଇଁ ଡକୁମେଂଟ ଜଜି ବହୁ ପୂର୍ବରୁ ପୂର୍ଣ୍ଣ ବିଷୟ ରେ ସଚେତନତା କରାଇଥିଲେ ଏହି କାର୍ଯ୍ୟକ୍ରମରେ ଦ୍ୱୋ ସମବାୟ ସମିତି ଡିରେକ୍ଟର ଅଜୟ କୁମାର ରାଉତ, ଅଜୟ ବାସଙ୍କ ସମେତ ଶତାଧିକ ସଭ୍ୟ, ସଭ୍ୟା ଓ ଚାଷୀ, ବ୍ୟବସାୟୀ ଏବଂ ସ୍ୱୟଂ ସହାୟିକା ସଦସ୍ୟାମାନେ ଏହି ଶିବିରରେ ଯୋଗଦେଇଥିଲେ । ଏଭଳି ସୁନ୍ଦର କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ଅତିଥି ଓ ଉପସ୍ଥିତ ଥିବା ସମସ୍ତ ଜନସାଧାରଣ ଓ ବୁଦ୍ଧିଜୀବୀମାନଙ୍କୁ ସାମାଜିକ ପ୍ରଶ୍ନକୁ କୁମାର ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିଥିବା ବେଳେ କର୍ମଚାରୀ ଗ୍ରାମ କୃଷ୍ଣ ସାମନ୍ତରାୟ, ପ୍ରିୟାଂଶୁ ମାଙ୍ଗରାଜ, ବୃନ୍ଦାବନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

କୋକସରା ବ୍ଲକ ଯୁବଶକ୍ତି ସଂଗଠନ ପକ୍ଷରୁ ରୋଗୀଙ୍କୁ ଫଳ ବଂଟନ


କରାଡାଣ୍ଡି, ୧୭/୧୧ (ଆ.ପ୍ର) : ଗାଙ୍ଗସରା ସାଂସଦ ଭୃତିର କୁମାରଙ୍କ ଜନ୍ମ ଦିବସ ଅବସରରେ କୋକସରା ବ୍ଲକ୍ ସ୍ଥିତ ସୁବଶକ୍ତି ସଂଗଠନ ପକ୍ଷରୁ ମଙ୍ଗଳବାର କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ମାନଙ୍କୁ ଫଳ ବଂଟନ କରାଯାଇଛି । ସଂଗଠନର ସଭାପତି ଧର୍ମେନ୍ଦ୍ର ମାଳଙ୍କ ତତ୍ତ୍ୱାବଧାନରେ ଫଳ ବଂଟନ କରାଯାଇଥିଲା । ମେଡିକାଲ ଡେଣ୍ଟରେ ଥିବା ରୋଗୀମାନଙ୍କୁ ଫଳ ବଂଟନ କରିବା ସହ ସେମାନଙ୍କ ସ୍ୱାସ୍ଥ୍ୟକଥା ଉପରେ ପଗରି ବୁଝିଥିଲେ । ସେବା ମୂଳକ ଏହି କାର୍ଯ୍ୟକ୍ରମରେ ସଂଗଠନର ସଭାପତିଙ୍କ ସମେତ ସଂଗଠନ ସୁଖାନ୍ତ ଦାଶ, ସଂଜୀତ ମୁଣ୍ଡ, ତୃଷାର ଜାଏକ, ଜଗେନ୍ଦ୍ର ପାତ୍ର, ଜୟନ୍ତ ଜର୍ଜଁଗଡ଼, ମାନସ ଦେବେଶ, ଜୋଡ଼ିବିନ୍ଦ ଦଣ୍ଡାଲ, ବାଲକୃଷ୍ଣ ଦଣ୍ଡଶି, ପିତାମର ପାତି, ଅମିଲ ପୋତ୍ର, ଲୋକନାଥ ଚଣ୍ଡା ସମେତ ଅନ୍ୟ ସଦସ୍ୟମାନେ ସାମିଲ ହୋଇଥିଲେ ।

ହତ୍ୟାକାଣ୍ଡର ପର୍ଦ୍ଦାଫାସ, ଅଭିଯୁକ୍ତ ରଞ୍ଜନ ବେହେରା ଗିରଫ

ଦଣ୍ଡପଲ୍ଲା, ୧୭/୧୧ (ଆ.ପ୍ର) : ଜଦ ବିକ୍ରି ଟଙ୍କା ନେବାକୁ ଯାଇ ଆର ଘରକୁ ଫେରିରେ ନାହିଁ ବିଚାଟି । ନିଖୋଜ ହେବାର ଛିଣ୍ଡି ଦିନ ପରେ ଜଙ୍ଗଲ ନାଳରୁ ମିଳିଥିଲା ବିଚାଟିଙ୍କ ମୃତଦେହ । ଦଣ୍ଡପଲ୍ଲା ଥାନା ଅନ୍ତର୍ଗତ ତୁମାଣ୍ଡି ଗ୍ରାମ ଜିକଟସ୍ଥ କୁଟିଚାଡି ଜଙ୍ଗଲର ବହୁତଚିତ ହତ୍ୟାକାଣ୍ଡ ଘଟଣା ଶେଷରେ ପଟ୍ଟଡଙ୍ଗା ଥାନାର ଜରିଛି ଦଣ୍ଡପଲ୍ଲା ପୋଲିସ । ବହୁ ଖୋଜାଖୋଜି ପରେ ହତ୍ୟା ଅଭିଯୋଗରେ ରଞ୍ଜନ ବେହେରାଙ୍କୁ ଗିରଫ କରିଛି ପୋଲିସ । ଗିରଫ ପରେ ଅଭିଯୁକ୍ତଙ୍କୁ କୁଟିଚାଡି ଜଙ୍ଗଲକୁ ନେଇ ଘଟଣାର ପୁନଃ ତଦନ୍ତ କରାଯାଇଥିଲା । ପୋଲିସର ସୂଚନା ଅନୁସାରେ, ଅଭିଯୁକ୍ତ ଘଟଣା ସମ୍ପର୍କରେ ତଥ୍ୟ ଦେବା ସହ ଜଙ୍ଗଲରେ ଲୁଚାର ରଖିଥିବା ହତ୍ୟାରେ ବ୍ୟବହୃତ ଟାଙ୍ଗିଆକୁ ଚିହ୍ନଟ କରିଥିଲେ । ପୋଲିସ ଉକ୍ତ ଟାଙ୍ଗିଆକୁ ଜବତ କରିଛି । ଅନ୍ୟପକ୍ଷରେ ଅଭିଯୁକ୍ତଙ୍କ ନିକଟରେ ଆଧାର କାର୍ଡ କିମ୍ବା ମୋବାଇଲ ଫୋନ୍ ନଥିବାରୁ ତାଙ୍କୁ ଚିହ୍ନଟ କରିବା ଓ ଠାବ କରିବା ପୋଲିସ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହୋଇଥିଲା । ତଥାପି ବିକ୍ରିର ସୂତ୍ର ଓ ତଦନ୍ତ ଆଧାରରେ ପୋଲିସ ଅଭିଯୁକ୍ତଙ୍କ ନିକଟରେ ପହଂଚିବାରେ ସଫଳ ହୋଇଛି । ତଦନ୍ତ ବିକ୍ରି ଟଙ୍କାକୁ କେନ୍ଦ୍ର କରି ଜଘୁଲିଥିବା ବିବାଦକୁ ଏଭଳି ହତ୍ୟାକାଣ୍ଡ ଘଟିଥିବା ଚର୍ଚ୍ଚା ହେଉଥିବା ବେଳେ ଘଟଣାର ପ୍ରକୃତ କାରଣ ଓ ଅନ୍ୟାନ୍ୟ ଦିଗ ନେଇ ପୋଲିସର ତଦନ୍ତ ଜାରିରହିଥିବା ଜଣାପଡିଛି ।

ବେପରୁଆ ଗାଡ଼ି ଚାଳକଙ୍କୁ ସାବାଡ଼ କରିବାକୁ ପ୍ରଶାସନର କଡ଼ା ପଦକ୍ଷେପ ୧୩ଟି ଗାଡ଼ି ଜବତ, ୨ ଲକ୍ଷ ୭୯ ହଜାର ଟଙ୍କା ଜରିମାନା

ଗୁଣପୁର, ୧୭/୧୧ (ଆ.ପ୍ର) : ଗୁଣପୁର ସହରରେ ପେରୁଥିବା ଗାଡ଼ି ଚାଳନା ଓ ଟ୍ରାଫିକ୍ ନିୟମ ଉଲ୍ଲଂଘନ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ଯାଂଚ ଅଭିଯାନକୁ ତତ୍ପରାକିଂ କରାଯାଇଛି । ବିଶେଷଜ୍ଞଙ୍କ ଗାଡି ସମୟରେ ଦୁଇଗତିରେ ଗାଡ଼ି ଚଳାଇବା, ରେଙ୍ଗି କରିବା ଏବଂ ବିଜଟାକ ଶବ୍ଦ କରୁଥିବା ସାଇଲେନ୍ସର ବ୍ୟବହାର ଯୋଗୁଁ ସହରବାସୀ ଅତିଷ୍ଠ ହୋଇପଡ଼ିଥିବା ଅଭିଯୋଗ ପରେ ଏହି ପଦକ୍ଷେପ ନିଆଯାଇଛି । ମଙ୍ଗଳବାର କରି ଗାଡ଼ି ଚଳାଇବା, ବିନା ହେଲମେଟରେ ଯାତ୍ରା କରିବା, ଗାଡ଼ି ଚାଳନା ସମୟରେ ମୋବାଇଲ ବ୍ୟବହାର, ବିପଜାଡ଼ ଦିଗରେ ଗାଡ଼ି ଚଳାଇବା ଏବଂ ନାବାଳକଙ୍କ ଗାଡ଼ି ଚାଳନା ଜଜି ଚେଆନ୍ନାଇ କାର୍ଯ୍ୟ ଉତରେ ନଜର ରଖିବାକୁ ଗୁଣପୁର ଉପଶଖ



ମାଜିଷ୍ଟ୍ରେଟ୍ ଅଂଚଳିକ ପରିବହନ ଅଧିକାରୀ, ରାୟଗଡ଼ା ଏବଂ ଗୁଣପୁର ଆଦର୍ଶ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପ୍ରଶାସନର ନିର୍ଦ୍ଦେଶ ସତ୍ତ୍ୱେ କେତେକ ଚାଳକ ନିୟମକୁ ଅମାନ୍ୟକାରି ଗାଡିରେ ବୁଲୁଥିବାରେ ଗାଡ଼ି ଚଳାଇବା ସହ ରାସ୍ତାରେ ଆଡଙ୍କ ସୃଷ୍ଟି କରୁଥିବାରୁ ଗତକାଲି ଗାଡିରେ ପୁଲିସ ଓ ପରିବହନ ବିଭାଗ ପକ୍ଷରୁ ମିଳିତ ଭାବେ ଯାଂଚାଭିଯାନ ଯାଂଚ କରାଯାଇଥିଲା । ଏହି ଯାଂଚ ସମୟରେ ୧୩ଟି ଗାଡ଼ି ଜବତ କରାଯାଇଥିବା ବେଳେ ମଦ୍ୟପାନ କରି ଗାଡ଼ି ଚଳାଇଥିବା ୫ ଜଣ, ବେପରୁଆ ଓ ଅଧିକ ଶବ୍ଦ ସୃଷ୍ଟିକାରୀ ସାଇଲେନ୍ସର ବ୍ୟବହାର କରୁଥିବା ୨ ଜଣ, ବିପଜାଡ଼ ଦିଗରେ ଗାଡ଼ି ଚଳାଉଥିବା ୨ ଜଣ ଏବଂ ମୋବାଇଲ ବ୍ୟବହାର କରୁଥିବା ଜଣେ ଚାଳକଙ୍କ ବିରୋଧରେ ନିୟମ ଅନୁଯାୟୀ ପଦକ୍ଷେପ ନିଆଯାଇଛି । ସେହିପରି ନାବାଳକଙ୍କ ଗାଡ଼ି ଚାଳନା ନେଇ ୩ଟି ମାମଲା, ବିନା ରେଜେମ୍ପରେ ଗାଡ଼ି ଚଳାଉଥିବା ୪୩ ଜଣ ଏବଂ ମାଲ ପରିବହନ ଗାଡ଼ିରେ ଯାତ୍ରୀ ନେଉଥିବା ୪ଟି ଗାଡ଼ି ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହୋଇଛି । ଏହି ଅଭିଯାନରେ ମୋଟ ୨ ଲକ୍ଷ ୭୯ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଛି । ଗୁଣପୁର ଅଂଚଳରେ ଆଗାମୀ ଦିନରେ ମଧ୍ୟ ଏଭଳି ଯାଂଚ ଅଭିଯାନ ଜାରି ରହିବ । ଟ୍ରାଫିକ୍ ନିୟମ ଉଲ୍ଲଂଘନ କରୁଥିବା ଏବଂ ସାଧାରଣ ଲୋକଙ୍କ ସୁରକ୍ଷା ଓ ଶାନ୍ତି ପ୍ରତି ବିପଦ ସୃଷ୍ଟି କରୁଥିବା ଚାଳକଙ୍କ ବିରୋଧରେ ଆଗକୁ ମଧ୍ୟ କଠୋର ପଦକ୍ଷେପ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି ।

ଚାରିଛକ ପ୍ରେସ କ୍ଲବ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ

ନିମାପଡା, ୧୭/୧୧ (ଆ.ପ୍ର) : ପୂଜା ଜିଲ୍ଲା ନିମାପଡା କ୍ଲବ ଚାରିଛକ ପ୍ରେସ କ୍ଲବ ପକ୍ଷରୁ ସ୍ଥାନୀୟ ଏକାଡ଼ ଅଞ୍ଚଳ ପରିସରରେ ଜାତୀୟ ପ୍ରେସ ଦିବସ-୨୦୨୬ ପାଳିତ ହୋଇଯାଇଛି । ପ୍ରେସ କ୍ଲବ ସଭାପତି ପ୍ରଫୁଲ୍ଲ କୁମାର କରଙ୍କ ଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରଭୁଲ ଅଧ୍ୟକ୍ଷ ପ୍ରୋଫେସର ଗୋପୀନାଥ ଜର, ମୁଖ୍ୟବକ୍ତା ଭାବେ ପ୍ରଭୁଲ ଅଧ୍ୟକ୍ଷ ଡଃ. ସନ୍ତୋଷ କୁମାର ମିଶ୍ର, ବରିଷ୍ଠ ନାଗରିକ ମଂଚ ସଂମାଦକ ଜାଦୁଚରଣ ଦେବଶର୍ମା, ପୂର୍ବତନ ଅଦଲତପ୍ରସ୍ତ ଦ୍ୟାଳ ଅଧିକାରୀ ଚନ୍ଦ୍ରପ୍ରଭ ପା, ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ସାହୁ, ଅବସ୍ରପ୍ରାପ୍ତ ଗ୍ରାମ୍ୟ କର୍ମଚି ସଭାପତି ଚରଜିଜାରୀ ଦାଶ, ପୂର୍ବତନ ଗ୍ରନ୍ଥାଗାରିକ ପଣ୍ଡିତ ମୂରଲାଧର ରାଉତ, କୃଷ୍ଣ ନେତା ସମାଜସେବୀ ପାତ୍ର, କୃଷ୍ଣଚନ୍ଦ୍ର ରାଉତ, ଅଜୁନ ପାତ୍ର, ଅର୍ଜୁନ ପାତ୍ର ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଗୁଡନ ଉପଦେଷ୍ଟା ରାବେ ଅନ୍ୟମାନେ ସେବାନାଥି, ଜଃ. ଉଦାଇ ଦାଶ ଓ ସାମାଜିକ ସେବୀ ପ୍ରତାତ କୁମାର ମହାପାତ୍ର ଏବଂ ୨ ଜଣ ସାମାଜିକ ସମାଜ ମହାପାତ୍ର ଓ ଦୟାନିଧି ନାୟକଙ୍କୁ ନୂତନ ସଭ୍ୟ ରାବେ ଗ୍ରହଣ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ କୁଦର କାର୍ଯ୍ୟକାରୀ ସଭାପତି ଶିକ୍ଷିକା କୁମାର ଦାସ ସଂଗଠନ ସମ୍ପାଦକ ବିଜୟ ରେରେଟା, ସହସମ୍ପାଦକ ସତ୍ୟାଶ୍ରୟ



ଶ୍ରୀସେତୋ
ଆରମ୍ଭ
SEITHO ARAMBHA



ବୁଧବାର ୧୮ ନଭେମ୍ବର, ୨୦୨୭ : ବାଲେଶ୍ୱର : ପୃଷ୍ଠା -୮

ଆଉ ଆଇପିଏଲ ଖେଳିବେନି ଧୋନି



ନୂଆଦିଲ୍ଲୀ, ୧୭/୧୧(ନ୍ୟୁ.ଏ): ଆଇପିଏଲରେ ସରିଲା ମହେନ୍ଦ୍ର ସିଂହ ଧୋନିଙ୍କ ଯୁଗ। ଦୀର୍ଘ ୧୮ ବର୍ଷର ଆଇପିଏଲ ଯାତ୍ରାରେ ପଡ଼ିଛି ପୂର୍ଣ୍ଣଚ୍ଛେଦ। ଶେଷରେ ସବୁ ଜଳ୍ପନାଳଳ୍ପନାର ଅନ୍ତ ଘଟାଇ ଆଇପିଏଲରୁ ଖେଳାଳି ଭାବେ ଅପ୍ରତ୍ୟାଶିତ ଭଙ୍ଗରେ ଅବସର ନେଇଛନ୍ତି କିମ୍ବଦନ୍ତୀ କ୍ରିକେଟର ମହେନ୍ଦ୍ର ସିଂହ ଧୋନି। ସେ ଆଜି ବିଧିବଦ୍ଧ ଭାବେ ଆଇପିଏଲରୁ ଅବସର ଘୋଷଣା କରିଛନ୍ତି। ସେ ଖେଳାଳି ଭାବେ ଅବସର ନେଇଥିଲେ ଯେଁ ଆଇପିଏଲ ସହ ଯୋଡ଼ି ହୋଇ ରହିବେ। ଚେନ୍ନାଇ ସୁପର କିଙ୍ଗସର ମେଂଟର ବା ମାର୍ଗଦର୍ଶକ ଭାବେ ସେ ଦାୟିତ୍ୱ ପାଇଛନ୍ତି। ଧୋନିଙ୍କ ବିନା ଚେନ୍ନାଇ କିଛି ନୁହେଁ ଯୋଡି ଏହି ଫ୍ରାଚାଇଜର ମାଲିକ କହିଛନ୍ତି। ଏଥିପାଇଁ ଧୋନିଙ୍କୁ ନିଜ ସହ ରାଖି ରଖିବା ପାଇଁ ତାଙ୍କୁ ବଡର ମେଂଟୋର କରାଯାଇଥିବା ସିଏସ୍‌କେ ପକ୍ଷରୁ କୁହାଯାଇଛି। ୨୦୦୮ରୁ ୨୦୨୭ ଯାଏ ଧୋନି ଚେନ୍ନାଇ ସୁପର କିଙ୍ଗସ ସହ ଖେଳାଳି ଭାବେ ଯୋଡ଼ି ହୋଇ ରହିଥିଲେ। ଯଦିଓ ସେ ଆହତ ସମସ୍ୟା ଯୋଗୁ ୨୦୨୬ରେ ଗୋଟିଏ ମ୍ୟାଚ୍ ଖେଳି ନଥିଲେ, ତଥାପି ସେ ଡ୍ରେସିଂ ରୁମରେ ଉପସ୍ଥିତ ରହିଥିଲେ। ସମସ୍ତେ ଆଶା କରିଥିଲେ ଯେ ୨୦୨୭ ଆଇପିଏଲରେ ଧୋନି ଖେଳିବେ। ହେଲେ ସବୁକେବେ ସମୟଙ୍କୁ ନିଜ ନିଷ୍ପତ୍ତିରେ ସପାଇଚକ ଦେଖାଇ ଧୋନି ଦେଶ ରୁପୁପୁପ ଆଇପିଏଲ ଖେଳାଳି ଭାବେ ଅବସର ଘୋଷଣା କରିଛନ୍ତି। ୨୦୨୭ ଆଇପିଏଲ ପାଇଁ ବିସେମ୍ବର ୧୬ରେ ମିନି ଅକ୍ସନ ହେବ। ଏହାପୂର୍ବରୁ ହିଁ ଧୋନି ଅବସର ଘୋଷଣା କରିଦେବା ସମସ୍ତଙ୍କୁ ଚକିତ କରି ଦେଇଛି। ଧୋନିଙ୍କ ନେତୃତ୍ୱରେ ଚେନ୍ନାଇ ରେକର୍ଡ ୫ ଥର ଆଇପିଏଲ ଟ୍ରଫି ଜିତିଛି। ଏହାବାଦ ଧୋନିଙ୍କ ନାମରେ ଚାରୋଟି ଚମ୍ପିଅନ୍ସ ଲିଗ ମଧ୍ୟ ଜିତିଥିଲା। ଆଇପିଏଲର ପ୍ରଥମ ସଂସ୍କରଣରୁ ହିଁ ଚେନ୍ନାଇ ସହ ରହିଛନ୍ତି ଧୋନି। ସେ ଆଇପିଏଲ ଇତିହାସର ଅନ୍ୟତମ ମହାନ ବ୍ୟାଟୀ ୪୫ ବର୍ଷୀୟ ଧୋନି ଚେନ୍ନାଇ ପାଇଁ ଦ୍ୱିତୀୟ ସର୍ବାଧିକ ରନ ହାସଲକାରୀ କ୍ରିକେଟର ଭାବେ ନିଜର ଅଭିଯାନ ଶେଷ କରିଛନ୍ତି। ସେ ଚେନ୍ନାଇ ପାଇଁ ସର୍ବାଧିକ ୨୭୨ଟି ମ୍ୟାଚ୍ ଖେଳି କରିଛନ୍ତି ୫୩୧୪ ରନ। ଧୋନି ମେଂଟର ଦାୟିତ୍ୱ ପାଇଥିବାରୁ ଏବେ ଦଳକୁ କେମିତି ମିନି ଅକ୍ସନ ପାଇଁ ପ୍ରସ୍ତୁତ କରିବାକୁ ପଡ଼ିବ, ତା' ଉପରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇ ପାରନ୍ତି। ପ୍ରଥମଥର ପାଇଁ ତାଙ୍କୁ ଚେନ୍ନାଇର ଅକ୍ସନ ଟେବୁଲରେ ମଧ୍ୟ ଦେଖିବାକୁ ମିଳିପାରେ। ୨୦୦୮ରେ ମୁମ୍ବାଇ ସହ ବିତିରେ ଟକ୍କର ଦେଇ ଚେନ୍ନାଇ ଧୋନିକୁ କିଣିଥିଲା। ପ୍ରଥମ ସଂସ୍କରଣରେ ଧୋନି ନିଜ କ୍ୟାପ୍‌ଟନ୍ସିରେ ୩ ଟ୍ରଫି ଜଇରେ ଦଳକୁ ଫାଇନାଲ ନେଇଥିଲେ। କିନ୍ତୁ ୨୦୦୮ରେ ଚେନ୍ନାଇକୁ ରାଜସ୍ଥାନ ରୟାଲ୍ସ ହାତୁଡ଼ି ପଡ଼ିଥିଲା। ୨୦୧୦ରେ କିନ୍ତୁ ସେ ଦଳକୁ ଆଇପିଏଲ ଚାମ୍ପିୟନ କରାଇଥିଲେ। ଦଳ ୨୦୧୦ ଚାମ୍ପିୟନ୍ ଲିଗକୁ ଯୋଗାଡ଼ା ଅର୍ଜନ କରି ସେତୋରେ ଟାଇଟଲ ଜିତିଥିଲା। ୨୦୧୧ରେ ଚେନ୍ନାଇ ଲ୍ରମାଗତ ଦ୍ୱିତୀୟ ଥର ପାଇଁ ଚମ୍ପିୟନ ଆଇପିଏଲ। ୨୦୧୪ରେ ଦଳ ପୁଣି ଚାମ୍ପିୟନ୍ସ ଲିଗ ବଳକା କରିଥିଲା। ଚେନ୍ନାଇ ପାଇଁ ପ୍ରଥମ ମାଟି ସଂସ୍କରଣରେ ୧୨୯ଟି ମ୍ୟାଚ୍‌ରେ ଧୋନି କରିଥିଲେ ୨୯୮୭ ରନ। ଏଥାପରେ ଚେନ୍ନାଇକୁ ଦୁଇ ବର୍ଷ ପାଇଁ ରାଜସ୍ଥାନ ରୟାଲ୍ସ ସହ ନିଲମ୍ବନ କରାଯାଇଥିଲା। ୨୦୧୬ ଓ ୨୦୧୭ରେ ଧୋନି ରାଇଜିଂ ପୁଣେ ସୁପରଜାଏଣ୍ଟସ ପାଇଁ ଖେଳିଥିଲେ। ୨୦୧୮ ବେଳକୁ ସେ ଚେନ୍ନାଇକୁ ପୁଣି ଫେରିଥିଲେ ଓ ଫ୍ରାଞ୍ଚାଇଜ ଟ୍ରଫି ଜାତେଇଥିଲା। ୨୦୨୧ରେ ଚେନ୍ନାଇ ୪ଥ୍ର ଥର ଚାମ୍ପିୟନ ବନିବା ସହ ୨୦୨୨ ଅକ୍ସନ ପୂର୍ବରୁ ଧୋନିଙ୍କୁ ୧୨ କୋଟି ଟଙ୍କାରେ ରିଟେନ କରିଥିଲା। ହେଲେ ଧୋନି ୨୦୨୨ ଆଇପିଏଲ ପୂର୍ବରୁ ହଠାତ୍ ଅଧିନାୟକ ପଦ ଛାଡ଼ି ଦେଇଥିଲେ। ତବାବୁ ଜାଡେଜାଙ୍କ ନେତୃତ୍ୱରେ ଦଳ ଚଳିତ ମ୍ୟାଚ୍ ଖେଳିଥିଲା। କିନ୍ତୁ ପୂର୍ଣ୍ଣାମେଂଟ ଅଧାରୁ ଜାଡେଜା କ୍ୟାପ୍‌ଟନ୍ସି ଛାଡ଼ି ଦେଇଥିବାରୁ ଧୋନି ପୁଣି ଦାୟିତ୍ୱ ନେଇଥିଲେ। ୨୦୨୩ରେ ଧୋନିଙ୍କ ନେତୃତ୍ୱରେ ଚେନ୍ନାଇ ରେକର୍ଡ ୫ମ ଥର ପାଇଁ ଚାମ୍ପିୟନ ହୋଇଥିଲା। ୨୦୨୪ ଆଇପିଏଲ ବେଳକୁ ଉତ୍ତରାଞ୍ଚଳ ଗାଏକ୍ୱାଡ଼ ଚେନ୍ନାଇର କ୍ୟାପ୍‌ଟେନ ହୋଇଥିଲେ। ତାଙ୍କ ନେତୃତ୍ୱରେ ଧୋନି ଖେଳିଥିଲେ ଯେଁ ଚେନ୍ନାଇ ଆଖି ଦୃଷ୍ଟିଆ ପ୍ରଦର୍ଶନ କରିପାରି ନାହିଁ। ୨୦୨୫ ଆଇପିଏଲ ଅଧାରୁ ଗାଏକ୍ୱାଡ଼ ଆହତ ହେବାରୁ ଧୋନି କିଛି ଦିନ କ୍ୟାପ୍‌ଟନ୍ସି ମଧ୍ୟ କରିଥିଲେ।

୨୦୨୭ ଆଇପିଏଲରୁ ଓହରିଲେ ଟ୍ରାଭିସ ହେଡ୍



ନୂଆଦିଲ୍ଲୀ, ୧୭/୧୧(ନ୍ୟୁ.ଏ): ୨୦୨୭ ଅଷ୍ଟ୍ରେଲିଆ ପାଇଁ ଦେଶ ବ୍ୟସ୍ତ ବହୁତ ରହିବ। ହେଡ୍ ଦଳର ପ୍ରମୁଖ ସଦସ୍ୟ ହୋଇଥିବାରୁ ସେ ଆଇପିଏଲର ପରବର୍ତ୍ତୀ ସଂସ୍କରଣ ସମୟରେ ବିଶ୍ରାମ ନେବାକୁ ନିଷ୍ପତ୍ତି ନେଇଛନ୍ତି। ଆଇପିଏଲ ବଦଳରେ ସେ ନିଜ ଦେଶ ଅଷ୍ଟ୍ରେଲିଆକୁ ବାଛିଛନ୍ତି। ଏହାର ଅର୍ଥ ୨୦୨୭ରେ ଅଭିଷେକ ଶର୍ମାଙ୍କ ଯୋଡ଼ି ହେଡ୍‌କୁ ହାଇଦ୍ରାବାଦର ପ୍ରଶଂସକ ମିସ କରିବେ। ହେଡ୍ ଆଉଆ ଉପଲବ୍ଧ ହେବେ ନାହିଁ ବୋଲି କହି ସାରିଥିବାରୁ ଏବେ ହାଇଦ୍ରାବାଦ ଅଭିଷେକଙ୍କ ନୂଆ ପାର୍ଟନରଙ୍କୁ ଖୋଜିବାରେ ଲାଗିଛି। ସମ୍ଭବତଃ ମିନି ଅକ୍ସନ ବେଳେ ହେଡ୍‌ଙ୍କ ବଦଳ ଖେଳାଳିଙ୍କୁ ଦଳ କିଣିବାକୁ ଲକ୍ଷ୍ୟ ରଖିଛି। ୨୦୨୫ ମେଗା ଅକ୍ସନ ପୂର୍ବରୁ ହାଇଦ୍ରାବାଦ ହେଡ୍‌କୁ ୧୪ କୋଟି ଟଙ୍କା ବଦଳରେ ରିଟେନ କରିଥିଲା। ହାଇଦ୍ରାବାଦ ରିଟେନ କରିଥିବା ୫ ଖେଳାଳିଙ୍କ ମଧ୍ୟରେ ଥିଲେ ହେଡ୍। ୨୦୨୭ରେ ହେଡ୍ ଖେଳିବେ ନାହିଁ ବୋଲି ମନା କରିଥିବାରୁ ତାଙ୍କୁ ହାଇଦ୍ରାବାଦ ରିଲିଜ କରିପାରେ। ଏପରି ହେଲେ ତାଙ୍କ ବଦଳରେ ହାଇଦ୍ରାବାଦ ପର୍ସରୁ ୧୪ କୋଟି ଟଙ୍କା ପେରିବ। ଏହି ଟଙ୍କା ବଳରେ ଦଳ ଜଣେ ବଡ଼ ଖେଳାଳିଙ୍କୁ ମିନି ଅକ୍ସନରେ କିଣି ପାରିବ। ଗତ ୩ଟି ସଂସ୍କରଣରେ ହାଇଦ୍ରାବାଦ ପାଇଁ ଖେଳି ଚାଲିଛନ୍ତି ହେଡ୍। ୨୦୨୪ରେ ହାଇଦ୍ରାବାଦ ତାଙ୍କୁ ୬.୮ କୋଟି ଟଙ୍କାରେ କିଣିଥିଲା। ସେତେବେଳୁ ସେ ଫ୍ରାଂଚାଇଜ ପାଇଁ ରନ ବର୍ଷାଉଛନ୍ତି। ୨୦୨୪ ଆଇପିଏଲରେ ହାଇଦ୍ରାବାଦ ପାଇଁ ଦମଦାର ବ୍ୟାଟିଂ କରିଥିଲେ। ୨୦୨୪ରେ ତାଙ୍କ ବ୍ୟାଟରୁ ଦେଖିବାକୁ ମିଳିଥିଲା ୫୬୭ ରନ। ୨୦୨୫ରେ ସେ ୩୭୪ ଓ ୨୦୨୬ରେ ସେ କରିଥିଲେ ୪୧୦ ରନ। ଅବ୍ୟପରେ ଆଜି ହେଉଛି ଆଇପିଏଲ ଖେଳାଳି ଟ୍ରେଡର ଶେଷ ଦିନ। ଏହାପୂର୍ବରୁ ହାଇଦ୍ରାବାଦ ଜୀଶାନ ଅଦସାରୀଙ୍କୁ ଦିଲ୍ଲୀକୁ ବେଚି ଟି ନଟରାଜନଙ୍କୁ ଆଣିଛି। ସେହିପରି ଲିଆମ ଲିଭିଙ୍ଗଷ୍ଟୋନ ଓ ଜ୍ୟାକ ଏଡୱାର୍ଡସଙ୍କୁ ଦଳ ଚେନ୍ନାଇକୁ ବେଚ ଦେଇଛି। ଏହି ଦୁଇ ଖେଳାଳିଙ୍କ ବଦଳରେ ହାଇଦ୍ରାବାଦ ଖଲାଲ ଅହମଦ ଓ ନାଥନ ଏଲିସଙ୍କୁ ପାଇଛି। ଏହାବାଦ ହର୍ଷଲ ପଟେଲଙ୍କୁ ହାଇଦ୍ରାବାଦ ୮ କୋଟି ଟଙ୍କାରେ କିଣିଥିଲା। ଆଜି ସେ ୪ କୋଟି ଟଙ୍କା ବଳରେ ଗୁଜରାଟ ଟାଇଟନ୍ସକୁ ଟ୍ରେଡ ହୋଇଛନ୍ତି। ୨୦୨୬ରେ ହର୍ଷଲ ପଟେଲ ଗୁଜରାଟ ପାଇଁ ଖେଳିବେ।

ଜାତୀୟ ତାଇକୋଣ୍ଡୋ ପ୍ରତିଯୋଗିତାରେ ସିଦ୍ଧିକ୍ଷାଙ୍କ କମାଲ



ଝାରୁପୁର, ୧୭/୧୧(ନ୍ୟୁ.ଏ): ଜାତୀୟ ସ୍ତରର ତାଇକୋଣ୍ଡୋ ପ୍ରତିଯୋଗିତାରେ ନିଜର ଅସାଧାରଣ କ୍ରୀଡ଼ାପ୍ରତିଭା ପ୍ରଦର୍ଶନ କରି ଝାରୁପୁର ଠାରେ ଗାଞ୍ଜାମଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ସିଦ୍ଧିକ୍ଷା ମଲ୍ଲ। ଝାରୁପୁରସ୍ଥିତ ଖଲିଲୋଟ ବିଶ୍ୱବିଦ୍ୟାଳୟର ଇନ୍‌ଡୋର ଷ୍ଟାଡିୟମ୍‌ରେ ଆୟୋଜିତ ଏହି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ବିଭିନ୍ନ ଅଂଚଳରୁ ବହୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ସିଦ୍ଧିକ୍ଷା ଚମତ୍କାର ପ୍ରଦର୍ଶନ କରି ମୋଟ ତିନୋଟି ପଦକ ହାସଲ କରିଛନ୍ତି। ସେ ଚଣ୍ଡିକିଆଲ୍ ତାଇକୋଣ୍ଡୋ ସ୍କୁଲରେ ଓ ୩ୟ ଜିଙ୍ଗ ଡିଗାଗରେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ କ୍ୟୁରୋଗା ଡିଗାଗରେ ରୌପ୍ୟ ପଦକ ହାସଲ କରି ନିଜର କ୍ରୀଡ଼ା ଦକ୍ଷତାର ପରିଚୟ ଦେଇଛନ୍ତି। ସିଦ୍ଧିକ୍ଷା ଝରୁପୁର ଥାନା ଅଧିକାରୀ ସତ୍ୟବାଦୀ ମଲ୍ଲଙ୍କ ଜନ୍ୟା। ତାଙ୍କର ଏହି ଉଲ୍ଲେଖନୀୟ ସଫଳତା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିଛି। ଏହି ସଫଳତାର ଶ୍ରେୟ ସେ ନିଜ ପରିବାରବର୍ଗ ଏବଂ ପ୍ରଶିକ୍ଷକ ରୋହନ ସାରୁଙ୍କୁ ଦେଇଛନ୍ତି। ସିଦ୍ଧିକ୍ଷାଙ୍କ ଏହି ସଫଳତା ଗଞ୍ଜାମ ଜିଲ୍ଲାର ଯୁବ କ୍ରୀଡ଼ାବିତ୍‌ମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଥିବା ବେଳେ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ବହୁ ଶୁଭେଚ୍ଛା ଜଣାଯାଇଛି।

ଅରବିନ୍ଦ-ମନୀଷଙ୍କୁ ଭର୍ତ୍ସନା କଲେ ହାଇକୋର୍ଟ



ନୂଆଦିଲ୍ଲୀ, ୧୭/୧୧(ନ୍ୟୁ.ଏ): ମାନହାନୀ ଅପରାଧିକ ମାମଲାରେ କବାଦ ଦାଖଲ କରୁଥାନ୍ତି ଆପ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ। ଦିଲ୍ଲୀ ହାଇକୋର୍ଟ ବାରମ୍ବାର କେଜ୍ରିୱାଲ ଓ ଆପ ନେତାମାନଙ୍କୁ ନିଜର ପକ୍ଷ ରଖିବାକୁ କହୁଥିଲେ ହେଁ ସେମାନେ ଏଯାଏ କର୍ଣ୍ଣପାତ କରୁନଥାନ୍ତି। ଏଥିପାଇଁ ଆଜି ଦିଲ୍ଲୀ ହାଇକୋର୍ଟ କେଜ୍ରିୱାଲ ଆଖ କୋଳୁ ଦେଇଛନ୍ତି କଡ଼ା ଭତ୍ସନା। ଜବାବ ଦାଖଲ ପାଇଁ ସେମାନଙ୍କୁ କୋର୍ଟ ଶେଷ ଥର ପାଇଁ ୩ ସପ୍ତାହର ସମୟ ଦେଇଛନ୍ତି। ଏହି ସମୟସୀମା ମଧ୍ୟରେ ସେମାନଙ୍କୁ ସେମିତି ହେଲେ ବି ଜବାବ ଦାଖଲ କରିବାକୁ ପଡ଼ିବ। ଏହି ମାମଲାରେ କୋର୍ଟ ଆଉ କୌଣସି ପ୍ରକାରର ଅତିରିକ୍ତ ସମୟ କେଜ୍ରିୱାଲ ଓ ଆପ୍ ନେତାମାନଙ୍କୁ ଦେବେ ନାହିଁ ବୋଲି ଆଜି ସ୍ପଷ୍ଟ କରିଛନ୍ତି। ଆପଣମାନେ ଆମକୁ ବୋଲା ବଚନବାରର ଲାଭିଥିବା ମଧ୍ୟ କହିଛନ୍ତି ହାଇକୋର୍ଟ। କୋର୍ଟ କେଜ୍ରିୱାଲ ଓ ଅନ୍ୟ ଆପ୍ ନେତାମାନଙ୍କୁ ଚେତାବନୀ ଦେଇଛନ୍ତି ଯେ ଯଦି ସେମାନେ ୩ ସପ୍ତାହ ମଧ୍ୟରେ ଜବାବ ଦାଖଲ ନ କରିବେ, ତା'ହେଲେ ଏହି ମାମଲାରେ ସେମାନେ ପକ୍ଷ ରଖିବାର ଅଧିକାର ଆପେଆପେ ହରାଇବେ। ଦିଲ୍ଲୀ ହାଇକୋର୍ଟର ବିଚାରପତି ଜଷ୍ଟିସ ସ୍ୱର୍ଣ୍ଣ କାନ୍ତା ଶର୍ମାଙ୍କ ସମ୍ବଳିତ ବେଞ୍ଚିଥିଲା ଓ ଆପ୍ ନେତାମାନେ ଚେତାବନୀ ଦେଇଥିବା ବାମାନ ବିବାଦ ସୃଷ୍ଟି କରିଥିଲା। ଦିଲ୍ଲୀ ଅବକାରୀ ନୀତି ମାମଲାରେ କେଜ୍ରିୱାଲ ଓ ଏକାଧିକ ଆପ୍ ନେତା ଦୋଷମୁକ୍ତ ହୋଇଛନ୍ତି। କିନ୍ତୁ ନିମ୍ନ ଅଦାଲତର ଏହି ଦୋଷମୁକ୍ତ ରାୟକୁ ସିବିଆଇ ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଛି। ଏହାର ଶୁଣାଣି ଜଷ୍ଟିସ ଶର୍ମା କରିବାକୁ ଥିବାରୁ ଆପ୍ ନେତାମାନେ ତାଙ୍କ ବିରୋଧରେ ବାମାନ ଦେଇଥିଲେ। ଏଥିପାଇଁ ଜଷ୍ଟିସ ଶର୍ମା ତଜିତ ବର୍ଷ ମେ' ମାସରେ କେଜ୍ରିୱାଲ, ଆପ୍ ନେତା ସଞ୍ଜୟ ସିଂହ, ମନୀଷ ସିସୋଦିଆ ଓ ସୌରଭ ଭାରଦ୍ୱାଜଙ୍କ ଅପରାଧିକ ମାନହାନୀ ମାମଲା ଗାଳୁ କରିଥିଲେ। ଗଣମାଧ୍ୟମ ଓ ସୋଶାଲ ମିଡିଆରେ ଏହି ନେତାମାନେ ଦେଇଥିବା ବୟାନକୁ ନେଇ ବିବାଦ ଦେଖାଯାଇଛି। ବିବାଦ ଓ ମାମଲା ଭିତରେ ଅତିଯୁକ୍ତ ଆପ୍ ନେତାମାନଙ୍କୁ ଜବାବ ତଲବ କରାଯାଇଛି। ହେଲେ ସେମାନେ ବାରମ୍ବାର ତଲବ ଦାଖଲର ସମୟସୀମା ବୃଦ୍ଧି କରୁଥିବାରୁ ଆଜି କୋର୍ଟ କଡ଼ା ଆକ୍ସିମୁଖ୍ୟ ଦେଖାଇଛନ୍ତି।

ଶେଖ୍ ହସିନାଙ୍କ ଫେରିବା ପୂର୍ବରୁ ବାଂଲାଦେଶରେ ବିସ୍ଫୋରଣ

ନୂଆଦିଲ୍ଲୀ, ୧୭/୧୧(ନ୍ୟୁ.ଏ): ବାଂଲାଦେଶରେ ପୁଣି ବଢ଼ିଲା ରାଜନୈତିକ ଉତ୍ତେଜନା। ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ସମାବ୍ୟ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପୂର୍ବରୁ ରାଜଧାନୀ ଢାକାରେ ଘଟିଛି ଦୁଇଟି ବୋମା ବିସ୍ଫୋରଣ। ସୋମବାର ଗାତିରେ ହଜରତ ଶାହଜଲାଲ ଆନ୍ତର୍ଜାତୀୟ ବିମାନବନ୍ଦର ନିକଟରେ ଦୁଇଟି ବେଶୀ ବୋମା ବିସ୍ଫୋରଣ ହୋଇଛି। ଏଥିରେ ୩ ଜଣ ପଥଚାରୀ ଆହତ ହୋଇଛନ୍ତି। ଗୋଟିଏ ବୋମା ବିମାନବନ୍ଦରର ବାହାର ଫାଟକ ନିକଟରେ ଫୁଟିଥିବା ବେଳେ ଅନ୍ୟଟି ଜସିମୁଦ୍ଦିନ ଅଂଚଳରେ ବିସ୍ଫୋରଣ ହୋଇଛି। ପୋଲିସର ସୂଚନା ଅନୁସାରେ ଦୁର୍ବୃତମାନେ ସ୍ପ୍ରାଏଡର ଉପରୁ ବୋମା ପିଂଜିଥିଲେ। ଘଟଣା ପରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଆସନ୍ତା ଡିସେମ୍ବରରେ ଶେଖ୍ ହସିନା ବାଂଲାଦେଶ ଫେରିବା ନେଇ ଚର୍ଚ୍ଚା ହୋଇ ଥାଇଛି। ଏହାରି ମଧ୍ୟରେ ଦେଶର ବିଭିନ୍ନ ସ୍ଥାନରେ ହିଂସା, ପୋଡ଼ାଜଳା ଓ ରାଙ୍ଗାଲୁଆ ଘଟଣା ସାମ୍ନାକୁ ଆସୁଛି। ଟ୍ରେନ୍, ବସ୍ ଓ ବ୍ୟାଙ୍କକୁ ମଧ୍ୟ ଟାର୍ଗେଟ୍ କରାଯାଇଛି। ଅନେକ ଘଟଣା ପଛରେ ଆୱାମୀ ଲିଗ୍ କର୍ମୀଙ୍କ ସମ୍ପୃକ୍ତି ଥିବା ପୋଲିସ ଅଭିଯୋଗ କରିଛି। ତେବେ ବିମାନବନ୍ଦର ନିକଟରେ ହୋଇଥିବା ବିସ୍ଫୋରଣ ସହ ହସିନାଙ୍କ ପ୍ରତ୍ୟାବର୍ତ୍ତନର ସିଧାସଳଖ ସମ୍ପର୍କ ଅଛି କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ। ସ୍ୟାଟେଲାଇଟ୍ ଫୋନ୍ ବ୍ୟବହାର ରଖି ଢାକା ସମେତ ବିଭିନ୍ନ ଜିଲ୍ଲାରେ ସୁରକ୍ଷା ବଢ଼ାଯାଇଛି। ହସିନାଙ୍କ ସ୍ମୃତିଜଡ଼ିତ ଗଣ୍ଭବନ ସମେତ ପ୍ରାୟ ୨ ହଜାର ପୋଲିସ କର୍ମଚାରୀ ସୁରକ୍ଷାରେ ନିୟୋଜିତ ହୋଇଛନ୍ତି। ଏହାସହ ବର୍ଡର ଗାର୍ଡ ବାଂଲାଦେଶର ୧୦ଟି ୟୁନିଟ୍ ଏବଂ ସ୍ପତନ୍ତ୍ର ସୁରକ୍ଷା ବାହିନୀକୁ ମଧ୍ୟ ନିୟୋଜିତ କରାଯାଇଛି। ଗୁରୁତ୍ୱପୂର୍ଣ୍ଣ ଚାରା, ରାଜପଥ ଓ ପଦ୍ମା ସେତୁ ଉପରେ ନଜର ରଖାଯାଇଛି। ଅନ୍ୟପଟେ ଭାରତରେ ରହୁଥିବା ଶେଖ୍ ହସିନା ନୂଆ ପାସପୋର୍ଟ ଓ ନାଗରିକ ପରିଚୟପତ୍ର ପାଇଁ ଆବେଦନକାରୀଙ୍କ ମାଧ୍ୟମରେ ଅନୁରୋଧ କରିଛନ୍ତି। କିନ୍ତୁ ବାଂଲାଦେଶ ସରକାର ଏହାର ଆଇନଗତ ବୈଧତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ୨୦୨୪ ଛାତ୍ର ଆନ୍ଦୋଳନ ସମୟରେ ହୋଇଥିବା ହିଂସା ମାମଲାରେ ହସିନାଙ୍କୁ ମୃତ୍ୟୁଦଣ୍ଡ ଶୁଣାଯାଇଥିଲା। ହସିନା ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି।

ଭାରତରେ ବିମାନର ଘୋର ଅଭାବ, ୧୦୦୦ ନୂଆ ବିମାନ ଦରକାର



ନୂଆଦିଲ୍ଲୀ, ୧୭/୧୧(ନ୍ୟୁ.ଏ): ଭାରତରେ ବିମାନ ଯାତ୍ରୀଙ୍କ ସଂଖ୍ୟା ଅନୁପାତରେ ବିମାନ ନାହିଁ। ବିମାନର ଘୋର ଅଭାବ ରହିଛି। ଭାରତୀୟ ଏୟାରଲାଇନ୍‌ଗୁଡ଼ିକ ୧୨୦୦ରୁ ଅଧିକ ବିମାନ କିଣିବାକୁ ବରାଦ ଦେଇଛନ୍ତି। ତଥାପି ଆହୁରି ୧୦୦୦ ବିମାନର ଅଭାବ ରହିଥିବା ଚାଣ୍ଡିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ କହିଛନ୍ତି। ଜଳିପୁ ଗସ୍ତ ପୂର୍ବରୁ ଗୋୟଲ କହିଛନ୍ତି, ଦେଶ ପାଇଁ ୨୦୦୦ରୁ ଅଧିକ ବିମାନର ଆବଶ୍ୟକତା ରହିଛି। ଯେଉଁ ବିମାନଗୁଡ଼ିକର ବରାଦ ଦିଆଯାଇଛି ତାହା ବିଇନି ଶୀଘ୍ର ଆସିବ, ସେଥିପାଇଁ ଉଦ୍ୟମ କରାଯାଇଛି। ସରକାର ମଧ୍ୟ ସେଥିରେ ସହଯୋଗ କରୁଛନ୍ତି। ଆହୁରି ଅଧିକ ବିମାନ କିଣିବା ଲାଗି ବିମାନ କମ୍ପାନିଗୁଡ଼ିକୁ ପ୍ରସ୍ତୁତ ଦେଇଛନ୍ତି। ଅଧିକ ନୂଆ ବିମାନ ପଇଁ ବିମାନ ଯାତ୍ରୀ ସଂଖ୍ୟାରେ ଯଥେଷ୍ଟ ବୃଦ୍ଧି ହୋଇଛି। ବଜାରରେ ଇଣ୍ଡିଗୋ ଓ ଏୟାର ଇଣ୍ଡିଆର ସିଂହ ଭାଗ ଅଂଶ ରହିଛି। ଉଭୟ କମ୍ପାନି ଚେୟାର୍ମ୍ୟାନ ଓ ଏୟାରବସ୍‌କୁ ନୂଆ ବିମାନ କିଣିବା ବରାଦ ଦେଇଛନ୍ତି। ନିକଟ ଅତୀତରେ ପ୍ରମୁଖ ବିମାନ ନିର୍ମାତାମାନେ ଭାରତରେ ସେମାନଙ୍କ ଉତ୍ପାଦନ କାରଖାନା ବସାଇବା ଆଗ୍ରହ ଜଣାଇଛନ୍ତି। ଏୟାରବସ୍ ଦୁଇଟି ଆସେମ୍ବଲି ଲାଇନ୍ ସ୍ଥାପନ କରିଛି।

ଭାରତ ବିରୋଧରେ ଓଆଇସିକୁ ଅସ୍ତ୍ର ଭାବରେ ବ୍ୟବହାର କରୁଛି ପାକିସ୍ତାନ

ନ୍ୟୁୟର୍କ, ୧୭/୧୧(ନ୍ୟୁ.ଏ): ଭାରତ ଜାତିସଂଘରେ ଯୁଏନ-ଓଆଇସି ସହଯୋଗ ପ୍ରସ୍ତାବ ବିରୋଧରେ ଭୋଟ୍ ଦେଇଛି। ଭାରତ ସ୍ପଷ୍ଟ ଶବ୍ଦରେ କହିଛି ଯେ, ପାକିସ୍ତାନ ଇସଲାମିକ୍ ସହଯୋଗ ସଂଗଠନ(ଓଆଇସି)କୁ ଏକ ଅସ୍ତ୍ର ଭାବରେ ବ୍ୟବହାର କରୁଛି। ଭାରତ କହିଛି ଓଆଇସି ପାକିସ୍ତାନ ଭଳି ଦେଶଗୁଡ଼ିକର ପ୍ରଭାବରେ ଏକପାଖିଆ ବିବୃତି ଦେଇଛି। ଇଲାରର ପ୍ରତିନିଧିଙ୍କ ଦ୍ୱାରା ପ୍ରସ୍ତାବ ଆଗତ କରାଯାଇଥିଲା। ଏହି ପ୍ରସ୍ତାବ ଅନ୍ତର୍ଗତ ଜାତିସଂଘ ସାଧାରଣ ସଭା ଶାନ୍ତି, ସୁରକ୍ଷା ଏବଂ ସଂପ୍ରୀତି ନିଗମଣ ପାଇଁ ଦୃଢ଼ ସହଯୋଗ ପାଇଁ ଆହ୍ୱାନ କରିଥିଲା। ଏହା ସହିତ ପାରସ୍ପରିକ ସମ୍ପାନ ଶାନ୍ତିପୂର୍ଣ୍ଣ ସମାଧାନ ଏବଂ ଦୁଇ